# SOUVENIR
## 2025

# ସ୍ମରଣିକା ୨୦୨୫

Ama Prayas
FOR THE PEOPLE
ESTD-2008

# ଆମ ପ୍ରୟାସ (ଲୋକମାନଙ୍କ ପାଇଁ)

## AMA PRAYASH (For People)

ଓଡ଼ିଶା ସରକାର

ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ

MCL

MAHANADI COALFIELDS LIMITED

(A Govt. of India Undertaking & Subsidiary of Coal India Limited)

# Souvenir

## 18th Annual Celebration of Ama Prayash 2025

## AMA PRAYASH

***For People***


**(Established 2008, Registration No -1/1620231200002)**

At- Sribantapur (Palakana), Po- Koro, Dist.- Kendrapada-754222

Contact Number: +91-8144948876

WhatsApp Contact: +91-9658373197 Email Id: amaprayas@outlook.com




# Table of Contents


❖ ସମ୍ପାଦକୀୟ ❖ ..... 7

Write-ups (Odia) ..... 9

ସାହିତ୍ୟ: ବିଚାରର ବଳୟ ଓ ଚିନ୍ତନର ପୃଥିବୀ ..... 9

ମନୋଜ ଦାସଙ୍କ କିଛି ଗଳ୍ପ ଓ ଏହାର ବାର୍ତ୍ତା ..... 14

ମହୋଦଧି ରୁ ମହାବିପତ୍ତି ..... 17

**ବସନ୍ତ ହଜିଛି** ..... 20

ବିଦାୟ କଣ ସବୁବେଳେ ଦୁଃଖ ଦିଏ? ..... 24

ପ୍ରୟାସ -- ଏକ ଶୃଙ୍ଖଳିତ ସମାଜ ପାଇଁ ମାର୍ଗଦର୍ଶକ ..... 26

**ଦେଶ ହିତୈଷୀ ଜାତି ପ୍ରାଣ ପ୍ରତିଭା: ଜଗବନ୍ଧୁ ସିଂହ** ..... 28

ଓଡିଆ କବିତା ..... 29

**ପରିଚୟ** ..... 29

ସମୁଦ୍ର ମନ୍ଥନ ..... 30

କେମିତି ହସିବ ଜହ୍ନ ..... 31

ମୋ ମାଆ ..... 32

**ଆପ୍ରାପ୍ତି** ..... 33

**ଟାହିଆ ହଲାଇ ଆସୁଛି** ..... 33

**ଶହେ ଶବ୍ଦରେ କୋଟି ପ୍ରଣାମ** ..... 34

**ଏଇ ଜୀବନ** ..... 35

ଆମ ପ୍ରୟାସ ..... 36

**ଧ୍ୱଂସ ଅଭି ମୁଖି** ..... 37

Write-ups (English) ..... 38

India’s Missing Daughters: The Alarming Story Behind the Sex Ratio ..... 38

Advantage of being a ‘Netizen’ ..... 40

Distance Between Experiment and Theory ..... 42

English poems ..... 50

To the Father of My Child ..... 50

AN ODE TO A.I. ..... 51

Journey of Ama Prayash ..... **Error! Bookmark not defined.**

धर्मेन्द्र प्रधान
ଧର୍ମେନ୍ଦ୍ର ପ୍ରଧାନ
Dharmendra Pradhan

शिक्षा मंत्री
भारत सरकार
Minister of Education
Government of India



**MESSAGE**

I am happy to know that 'Ama Prayas' is celebrating its 18th Annual Day during 24–25 December 2025, and to mark this occasion, a Souvenir is being brought out. My greetings and best wishes to the entire team – patrons, volunteers, well-wishers and beneficiaries of this inspiring organisation.

Over the years, 'Ama Prayas' has made a formidable mark through its dedicated and self-less service towards empowering youth, women and underprivileged students in Kendrapada, Odisha. Its merit-cum-means scholarship initiative has been particularly seminal, enabling bright students from poor and marginalised sections to pursue education with dignity and hope, thus realising their true potential. Today, 'Ama Prayas' has emerged as a beacon of inclusive development by nurturing talent at the grassroots and addressing the concerns of educational inequities. Such laudable initiative and committed efforts are crucial in building a socially just and economically empowered society. Organisations like 'Ama Prayas', have a credible role to play in realising the vision of a Viksit Odisha.

May the journey and achievements of 'Ama Prayas' stand as an inspiration for other voluntary and community based organisations to demonstrate commitment and community engagement to bring about meaningful and lasting socio-economic development.

I wish the 18th Annual Day celebrations of 'Ama Prayas' all success.

**(Dharmendra Pradhan)**

सबको शिक्षा, अच्छी शिक्षा

MOE - Room No. 301, 'C' Wing, 3rd Floor, Shastri Bhavan, New Delhi-110 001, Phone : 91-11-23782387, Fax : 91-11-23382365
E-mail : minister.sm@gov.in

**SURYABANSHI SURAJ**
**MINISTER OF STATE (IND.)**
**Higher Education, Sports & Youth Services**
**Odia Language, Literature & Culture, Odisha**

**Phone Office : 0674-2536916**
**D.O. No............../ MoSHES&YSOLL&C**
**Bhubaneswar**
**Date ................**

# Message

I am delighted to know that **AMA PRAYAS** is celebrating its 18th Annual Day on **24th & 25th December 2025**, and that a **Souvenir** is being published to mark this special occasion.

**AMA PRAYAS**, a non-government organisation established in 2008 at Kendrapada, Odisha, has been tirelessly serving the people of the state since its inception. The organisation has remained committed to empower youth, women, and underprivileged students. Its initiatives in providing guidance and career counselling, nurturing hidden talents, promoting art, literature, culture, and sports, are truly commendable.

The organization has played a significant role in nurturing students' aspirations by offering merit-cum-means scholarships, providing study materials, and extending career guidance, thereby empowering young minds to pursue their dreams.

I extend my heartfelt best wishes to the **AMA PRAYAS family**. May the organisation continue to inspire many more individuals and lead the way in making meaningful contributions to society, transforming small steps into remarkable milestones in the years ahead.

**(Suryabanshi Suraj)**

Address. : Res. Office: QR No-6R-2, Unit-VI, Bhubaneswar-751001
Office: Room No.MB-I-006 & 007, Lok Seva Bhawan, Bhubaneswar, Odisha-751001
e-Mail id.: suryabanshi.suraj@gov.in

## ପ୍ରତିଷ୍ଠାତାଙ୍କ କଲମରୁ ............

ଶିଶୁର କୋମଳ ହାତର ପ୍ରଥମ ସ୍ପର୍ଶ ବାପା ର ଆଙ୍ଗୁଠିକୁ ଜାବୁଡି ଧରି କୁନି କୁନି ପାଦରେ ଛିଡା ହୋଇ ଚାଲିବାର ପ୍ରୟାସ ଭଳି ଆମ ସଂଗଠନ " ଆମ ପ୍ରୟାସ " ଚପଳତାର ସ୍ୱଭାବ ନେଇ ସମାଜର ଆଗକୁ ବଢ଼ିବା ପାଇଁ ପାଇଁ ପ୍ରାରମ୍ଭ ବିନ୍ଦୁ ସ୍ଥାପନ କରିଥିଲା ଗାଁ ମାଟିର । ଆଜି ସଂଗଠନ ସେଇ ଶୈଶବତାରୁ କିଶୋରାବସ୍ଥା ରେ ନିଜର ଗନ୍ତବ୍ୟ ପଥରେ ଏକ ସୁସ୍ଥ ବିକଶିତ ସମାଜ ଗଠନର ଆଶା ସଂଚାର କରି ପାଦ ସହ ପାଦ ମିଶାଇ ଗତି କରି ଚାଲିଛି । ଯାହାକି ଗ୍ରାମରୁ ସହର ସମସ୍ତ କୋଣ ଅନୁକୋଣରୁ ଭାଇ ଓ ଭଉଣୀ ମାନଙ୍କର ହାତକୁ ଚାନ୍ଦ ଛନ୍ଦି ସଂଗଠନକୁ ଆଗକୁ ବଢ଼ିବାରେ ଯେଉଁ ସହଯୋଗ କରିଆସୁଛନ୍ତି ତାହା ସୁସ୍ଥ ସମାଜର ଏକ ଜ୍ୱଳନ୍ତ ଉଦାହରଣ ।

ଦୀର୍ଘ ବର୍ଷ ଧରି ଏହା ଶିକ୍ଷା, ସ୍ୱାସ୍ଥ୍ୟ, ପରିବେଶ, କଳା , ସାହିତ୍ୟ କ୍ଷେତ୍ରରେ ଉନ୍ନତି ପାଇଁ ସର୍ବଦା କର୍ତବ୍ୟରତ । ଛାତ୍ରଛାତ୍ରୀ ମାନଙ୍କ ଜ୍ଞାନର ଅଭିବୃଦ୍ଧି ଓ ଅନ୍ତର୍ନିହିର୍ତ ଗୁଣବତ୍ତାର ବିକାଶ ପାଇଁ ବିଦ୍ୟାଳୟ ସ୍ତରୀୟ ପ୍ରତିଯୋଗିତା , ସ୍ୱାସ୍ଥ୍ୟ ସଚେତନା ସହ ମାଗଣା ସ୍ୱାସ୍ଥ୍ୟ ଶିବିର, ଛାତ୍ରବୃତ୍ତି ପ୍ରଦାନ , ବୃକ୍ଷ ରୋପଣ, ସ୍ୱଚ୍ଛତା କାର୍ଯ୍ୟକ୍ରମ ଜାରିରହିଛି ।

"ଆମ ପ୍ରୟାସ " ଶିକ୍ଷକ, ନାଟ୍ୟକାର, ସାହିତ୍ୟିକ , ଶିଳ୍ପୀ, ଲେଖକ, କବି, ନବ ଉଦୀୟମାନ ଯୁବ ପ୍ରତିଭା ଓ ସମାଜସେବୀ ମାନଙ୍କୁ ସମ୍ମାନିତ କରି ଜୀବନରେ ମହକ ଭାରି ଦେଇଛି. ଦାରିଦ୍ୟ ତାଡ଼ନାରେ ଅର୍ଥନୈତିକ ମେରୁଦଣ୍ଡ ଭାଙ୍ଗିଯାଇଥିବା ପରିବାର ମାନଙ୍କୁ ସହଯୋଗର ହାତ ବଢ଼ାଇ ସମାଜରେ ବଂଚିବାର ରହ ଦେଇଛି ।

"ଆମ ପ୍ରୟାସ" ସଭିଙ୍କ ପାଇଁ ମଙ୍ଗଳ କଳାମାନ କରେ. ସାମୁହିକ ବିକାଶ କରିବାକୁ ଏଠାରେ ସମସ୍ତ ଭାଇ ଓ ଭଉଣୀମାନେ ସର୍ବଦା ଚେଷ୍ଟିତ . ତେଣୁ ଆଜି ସେହି ପୂର୍ବର କାର୍ଯ୍ୟପାନ୍ତର ସ୍ମୃତିକୁ ମାନେ ପକାଇ ସ୍ମରଣିକାଟି ଆଗକୁ ଆଗେଇଯିବ ପାଇଁ ଯାହା ପୁଣି ଆଗାମୀ ବର୍ଷ ପାଇଁ ବଳ ସାଉଁଟି ନୂତନ କର୍ତବ୍ୟର ଆଶା ସଂଚାର କରି ଆମ୍ଭେମାନେ ପୁଣି ହାତ ସହ ହାତ ମିଶାଇ ପାଦ ସହ ପାଦ ମିଳାଇ ବହି ଚାଲିବାର ନୂତନ ଆସ ନେଇ ..............

**ଅଶୋକ କୁମାର ଦାଶ**

**A Note About Ama Prayas by the founder Mr. Dipak Kumar Das**

Dear Readers,

*Ama Prayas* has always been about selfless service and creating opportunities for the underprivileged. Over the years, we have strived to empower children, youth, and women through education, career guidance, and cultural engagement. None of this would have been possible without the dedication of our members and the trust of the communities we serve.

As we look back on our journey from 2008, I am filled with pride and gratitude for all the milestones we have achieved together. Let us keep this spirit alive and continue our mission of making a meaningful difference.

With best wishes,
**Dipak Kumar Das**

---

## ❖ ସମ୍ପାଦକୀୟ ❖

ସମୟ ଏକ ନିରବ ଶିକ୍ଷକ। ସେ କେବେ ଚିତ୍କାର କରେନି, କେବେ ଆଜ୍ଞା ଦିଏନି, କିନ୍ତୁ ଧୀରେ ଧୀରେ ମଣିଷକୁ ପରଖି ପକ୍କା କରେ,ଭିତରୁ ଶିଖାଏ। ଆଜିର ଦୁନିଆ କ୍ଷିପ୍ର —କ୍ଷିପ୍ର ଚାଲିବା, କ୍ଷିପ୍ର ରେ ମିଳିବା, କ୍ଷିପ୍ର ସଫଳ ହେବାର ଆତୁରତାରେ ଆମେ ଧୈର୍ଯ୍ୟକୁ ଭୁଲିଯାଉଛୁ। ଦେଖାଣିଆ ଭାବ ବଢ଼ିଯାଇଛି, ପ୍ରକୃତ ସାଧନା ରୁ ମଣିଷ ବିଚ୍ୟୁତ ହେଉଛି, କିନ୍ତୁ ଜୀବନ କହେ- ଫଳ କ୍ଷିପ୍ରତାରେ ନୁହେଁ, ସମୟରେ ଧୀରେ ଧୀରେ ଅଙ୍କୁରୋଦଗମୀତ ହୁଏ, ଫୁଲ ରୁ ମହକ ଆସିଥାଏ, ଫଳ ସ୍ୱାଦିଷ୍ଟ, ମଧୁର ଲାଗେ । କ୍ଷିପ୍ରତାରେ ମଧୁରତା ନଥାଏ, ଧୈର୍ଯ୍ୟ ରହିଲେ ଗ୍ରୀଷ୍ମ ମାଟିରେ ବି ବୀଜ ଅଙ୍କୁରିତ ହୁଏ, ଧୈର୍ଯ୍ୟ ନଥିଲେ ଆକାଶର ସ୍ୱପ୍ନ ବି ଝଡ଼ିପଡ଼େ। "ଆମ ପ୍ରୟାସ" ଧୀରେ ଧୀରେ ଆଗକୁ ବଢ଼ିଚାଲିଛି, ଧୈର୍ଯ୍ୟ ହରାଇ ନାହିଁ, ଦୌଡ଼ି ପଡି ସଫଳତାକୁ ଜାବୁଡି ବସିବାକୁ ଚାହିଁ ନାହିଁ, କେହି ନ ଅନେଇଲି ବି ପାଖ କୁ ଯାଇଛି, ଆସ ବୋଲି କହିଛି, ଏ ତମରି ଆମରି, ଅଭିମାନ କାହା ଉପରେ? “ଆମ ପ୍ରୟାସ” ମଜବୁତ ହେଇ ଚାଲିଛି, ଆଗକୁ ଆହୁରି ମଜବୁତ ବି ହେବ, କେତେ ଆସିଛନ୍ତି, କେତେ ମୁହଁ ଫେରାଇଛନ୍ତି, କିନ୍ତୁ ପ୍ରୟାସ ସମସ୍ତଙ୍କୁ ଆପେଣେଇବାରେ ଆନନ୍ଦିତ ହେଇଛି।

କେହି ରହୁ କି ନ ରହୁ ଅନୁଷ୍ଠାନ ରହିବ ଦରକାର, ମଣିଷ ନଗଣ୍ୟ ଅନୁଷ୍ଠାନ ବଡ, “ଆମ ପ୍ରୟାସ” ପରି ଅନୁଷ୍ଠାନ ଆହୁରି ଭଲ ହେବାକୁ, ଭଲ କରିବାକୁ ଚେଷ୍ଟା କରିବ। ଭଲ ହେବା ଏକ ଦାବି ନୁହେଁ, ଏକ ଦୈନନ୍ଦିନ ଅଭ୍ୟାସ। ଛୋଟ ଛୋଟ ଭଲ କଥା, ଭଲ କାମ, ଭଲ ଭାବନା—ଏମାନେ ମିଶି ମଣିଷକୁ ମଣିଷ କରନ୍ତି। ସମୟ ଆସିଲେ ଭଲ ଟି ଗୋଲାପ ପରି ଖିଲିଉଠେ, କେବେ କେବେ କଣ୍ଟା ଦେଖାଏ, ତଥାପି ସୁଗନ୍ଧ ଛାଡ଼େ। ଏହି ଗନ୍ଧ ହେଉଛି ଆମ ଚରିତ୍ର। ବାହାରକୁ ରୁକ୍ଷ ଦେଖା ଯାଉଥିଲେ ବି ବହୁତ ଲୋକଙ୍କ ଚରିତ୍ର ଗୋଲାପ ପରି, ବାହାର ର ରୂପ ରଙ୍ଗ ରୁ କାହାରିକୁ ପରଖିବା ବି ଅନୁଚିତ, ଆମେ ସାଧାରଣତଃ ଅନ୍ୟର ଚରିତ୍ର ସଂହାର ରେ ତର ତର ହେଇଥାଉ, କୁତ୍ସା ରଟନା କରିପକାଉ, ସାଧାରଣ ଚିନ୍ତା ର ଉପରକୁ ଉଠି ପାରୁନା, ନିଜକୁ ଖୁବ ବଡ ଭାବି ନିଜ ର ପରିଧିରେ କୂପ ମନଡୁକ ପରି ରହୁ । ଏଣୁ ଆମ ପ୍ରୟାସ ଆସେ, ବୁଝେଇବାକୁ, ବ୍ୟକ୍ତିଗତ ସ୍ୱାର୍ଥ ରୁ ଉପରକୁ ଉଠି ପରୋପକାର ରେ ଜୀବନକୁ ଉତ୍ସର୍ଗ କରିବାକୁ, ଭାଇ ଚାରା ରେ ବଂଚିବାକୁ, ଜାତି, ଧର୍ମ, ବର୍ଣ, ଲିଙ୍ଗ ର ଭେଦ ଭାବରୁ ଉଠି ଗାଁ ମାଟି କୁ ସରସ କରିବାକୁ, ଏଣୁ ଭଲ ହେବା, ଛୋଟ ଛୋଟ କାମ କରି ଅନ୍ୟ କୁ କିଂଚିତ ହେଲେ ବି ଛୁଇଁଯିବା ଏହାର ଉଦ୍ଦେଶ୍ୟ। ବହୁତ ସଦସ୍ୟ ଏଥିରେ ନିଜ ସମୟ ଓ ଶ୍ରମ ଦେଇଛନ୍ତି, କିଏ ନୀରବରେ ବା କିଏ ଜାଣତରେ କାମ କରିଛନ୍ତି, କିନ୍ତୁ ଦୀପକ ର ଉଦ୍ୟମ ଏବଂ ନିଷ୍ଠା ସମସ୍ତଙ୍କୁ ପ୍ରେରଣା ଦେଇଛି, ଅଶୋକ ଭାଇ ବି ପରିଶ୍ରମ କରିଛନ୍ତି, ଶିବ ଶଙ୍କର ଭାଇ ଏହି ସ୍ମରଣିକା ପାଇଁ ବହୁ କଷ୍ଟ କରିଛନ୍ତି, ଏ ବର୍ଷ ତିଥି ଭୋଜନ, କ୍ରିକେଟ ଖେଳ, ବୃକ୍ଷ ରୋପଣ, ଅନ୍ୟାନ ସାହାଯ୍ୟ ସହଯୋଗ ଆମ ପ୍ରୟାସ କରିଛି, ସାଂସ୍କୃତିକ କାର୍ଯ୍ୟକ୍ରମ, ବିଭିନ୍ନ ପ୍ରତିଯୋଗିତା ମାଧ୍ୟମରେ ସ୍କୁଲ, କଲେଜ ର ଛାତ୍ର ଛାତ୍ରୀ ମାନଙ୍କ ପାଖରେ ପହଂଚିଛି। ଛୋଟ ହେଲେବି ପ୍ରୟାସ ଜାରି ରଖିଛି, ବହୁତ ଲୋକ ପ୍ରେରିତ ଓ ପ୍ରଭାବିତ ହେଇଛନ୍ତି, ବହୁତ ଛାତ୍ର ଛାତ୍ରୀ ମନରେ କିଛି ଭଲ କରିପାରିବାର ନିଷ୍ଠା ଓ ଦୃଢ଼ତା ଜାଗୃତ ହେଇଛି । ସେମାନେ ଜିଜ୍ଞାସୁ ହୋଇଛନ୍ତି, ନିଜ କର୍ତ୍ତବ୍ୟ ପ୍ରତି ସମର୍ପିତ ହୋଇଛନ୍ତି ।

ନିଜ କର୍ତ୍ତବ୍ୟକୁ ସ୍ୱୀକାର କରିବା ସମର୍ପଣର ପ୍ରଥମ ପଦକ୍ଷେପ। କର୍ତ୍ତବ୍ୟ ମାନେ କେବଳ ଦାୟିତ୍ୱ ନୁହେଁ, ଏହା ହେଉଛି ଜୀବନ ପ୍ରତି ଋଣସ୍ୱୀକାର। ମାଟି ଆମକୁ ଜନ୍ମ ଦେଇଛି, ସମାଜ ଆମକୁ ଚିହ୍ନଟ ଦେଇଛି, ଲୋକମାନେ ଆମକୁ ଭାଷା, ସଂସ୍କାର ଓ ସ୍ନେହ ଦେଇଛନ୍ତି—ସେହି ଋଣକୁ ଫେରାଇବା ଇଚ୍ଛା ଯେଉଁଠି ଜନ୍ମ ନିଏ, ସେଠି ସମର୍ପଣର ମୂଳ ଅର୍ଥ ଖୋଲିଯାଏ। ସମର୍ପଣ କେବେ ଗର୍ଜନ କରେନି, ସମର୍ପଣ କେବେ ବାଜା ବଜାଇ ନିଜକୁ ଫୁଲ ମାଳା ପିନ୍ଧାଇ ନାହିଁ, ସେ ଚୁପଚାପ କାମ କରେ। କେହି ଜାଣନ୍ତି ନାହିଁ, କେହି ଦେଖନ୍ତି ନାହିଁ, ତଥାପି ସେ ଆଲୋକ ଦେଇଯାଏ। ଯେଉଁ ଆଖି ହାରିଯିବାକୁ ବସିଥାଏ, ସେଠି ଆଶାର ଦୀପ

ଜଳେଇଦେବା—ସେହିଠି ସମର୍ପଣ ସାର୍ଥକ ହୁଏ। ଭଗବାନ ହୁଏତ ମନ୍ଦିରରେ ନଥାନ୍ତି, କିନ୍ତୁ ଏମିତି ମୁହୂର୍ତ୍ତରେ ସେ ନିଶ୍ଚୟ ମଣିଷର ଭିତରେ ଦେଖା ଦିଅନ୍ତି। ଦିବ୍ୟ କର୍ତ୍ତବ୍ୟ ଦେଖାଣିଆ ଭଜନ ଭିତରେ ସୀମିତ ନୁହେଁ; ସେ ଚାଲିଯାଏ ମାଟି ରାସ୍ତାରେ, ଗରିବ ଝୁପୁଡ଼ିରେ, ଲୁହ ଭିଜା ଆଖିର ନୀରବତାରେ। ଭଲ ମଣିଷ ହୋଇ ରହିବା, ଅନ୍ୟର ଦୁଃଖକୁ ଦେଖି ମୁହଁ ଫେରାଇ ନ ନେବା, ଯେଉଁଠି ଆଶା ଧୀରେ ଧୀରେ ମରୁଛି ସେଠି ଏକ ଭରସାର କଥା କହିଦେବା—ଏସବୁ ହେଉଛି ସମର୍ପଣର ନିରବ ପୂଜା। ଭଗବାନଙ୍କ ପାଖରେ ମଥା ନୁଆଁଇବାର ଅର୍ଥ କେବଳ ଦୀପ ଜଳେଇବା, ଫୁଲ ଅର୍ପଣ କରିବା କିମ୍ବା ମନ୍ତ୍ର ଉଚ୍ଚାରଣ କରିବା ନୁହେଁ; ସେ ହେଉଛି ନିଜ ଅହଂକାରକୁ ଧୀରେ ଧୀରେ ଖସାଇ ଦେବା, ନିଜକୁ ସବୁଠୁ ବଡ଼ ଭାବିବା ଭ୍ରମରୁ ବାହାରି ଆସିବା। ଆମ ପ୍ରୟାସ ଭ୍ରମ ରେ ନାହିଁ ଛୋଟ ହେଲେ ବି ଚେଷ୍ଟା କରିଛି, କରୁଛି ଓ କରୁଥିବ ମଧ୍ୟ।

ଏହି ଚିନ୍ତାଧାରାକୁ ନେଇ "ଆମ ପ୍ରୟାସ" ନିରବ ଭାବେ ଆଗକୁ ବଢୁଛି। ଆଜିର ଯୁବପିଢ଼ି କେବଳ ଦର୍ଶକ ନୁହେଁ, ସେମାନେ ଭବିଷ୍ୟତର ନିର୍ମାତା। ସେମାନଙ୍କୁ ଶୁଣିବା, ବୁଝିବା, ସାଥି ହେବା—ଏହାହିଁ ଆମ ପ୍ରୟାସର ମୂଳ ଆତ୍ମା। ସମୟ ଲାଗିବ, ଫଳ ଧୀରେ ଆସିବ, କିନ୍ତୁ ଧୈର୍ଯ୍ୟ ରହିଲେ ପଥ ଆଲୋକିତ ହେବ। ଶେଷରେ  କହିବି, ଜୀବନ ଏକ ଦୌଡ଼ ନୁହେଁ—ଏକ ସାଧନା। ସମୟକୁ ସମ୍ମାନ, ଧୈର୍ଯ୍ୟକୁ ଆଶ୍ରୟ, ଭଲ ଆଦତ ଏବଂ ଶ୍ରମ, ଏବଂ ପରିଶେଷରେ ଭଗବାନଙ୍କ ପାଖରେ ସମର୍ପଣ—ଏହି ଚାରିଟି ଦୀପ ଜଳିଲେ ଅନ୍ଧାର ଆପେଆପେ ହଟିଯାଏ। "ଆମ ପ୍ରୟାସ" ସେହି ଦୀପର ଆଲୋକ ନେଇ ଚାଲିଛି—ଯୁବକଙ୍କ ସାଥିରେ, ସମାଜ ପାଇଁ, ମଣିଷ ହେବାର ନିରନ୍ତର ଅଭ୍ୟାସରେ। ଆପଣ ବି ଯୋଡି ଯାନ୍ତୁ, କିଏ ଜାଣେ  ଆପଣ କାହା ପାଇଁ ପ୍ରେରଣା ସାଜି ଯାଇଥିବେ, ବଂଚିବା ର ରାହା ପାଲଟି ଯାଇଥିବେ, ଅଜାଣତରେ ବି କାହା ପାଇଁ ଦୀପ ର ଆଲୋକ ଟିଏ ସାଜି ଆଶା ଅଂକାଙ୍କ୍ଷା ର ସମର୍ପିତ କର୍ତ୍ତବ୍ୟ ପାଇଁ ଉଦାହରଣ ସୃଷ୍ଟି କରିଯିବେ !

ନମସ୍କାର... 🖋 ଡ଼ ବିକାଶ

## ସମ୍ପାଦକୀୟ ମଣ୍ଡଳୀ

ଡ଼ ବିକାଶ କୁମାର ମଲିକ

ଅଶୋକ କୁମାର ଦାସ

ଡ଼ ପ୍ରଫୁଲ୍ଲ କୁମାର ସ୍ୱାଇଁ

ସୁଭଦ୍ରା ପ୍ରିୟଦର୍ଶିନୀ

ଡ଼. ଶିବ ଶଙ୍କର ସାହୁ

# ସାହିତ୍ୟ: ବିଚାରର ବଳୟ ଓ ଚିନ୍ତନର ପୃଥିବୀ

ଜ୍ଞାନୀ ଦେବାଶିଷ ମିଶ୍ର

ଆଗେ ମଣିଷ, ତାପରେ ଭାଷା । କଥତରୁ ଲିଖନ ପ୍ରକ୍ରିୟା ଆଡ଼କୁ ଭାଷାର ଯାତ୍ରା । ଭାଷାକୁ ଶୃଙ୍ଖଳବଦ୍ଧ କରିବା ନିମନ୍ତେ ବ୍ୟବହୃତ ଭାଷା ପରମ୍ପରାକୁ ଧରି ଆବିଷ୍କୃତ ହୁଏ ବ୍ୟାକରଣ । ଭାଷାକୁ ନେଇ ସାହିତ୍ୟ । ପୁନଶ୍ଚ ଅଞ୍ଚଳର ପରମ୍ପରା, ସଂସ୍କୃତି, ଚଳଣି ଓ ଭାଷାକୁ ନେଇ ହିଁ କଳ୍ପନାର ବିକାଶ ସଂଘଟିତ ହୁଏ । ଚିତ୍ର-ସ୍ଥାପତ୍ୟ-ଭାସ୍କର୍ଯ୍ୟ-ନୃତ୍ୟ-ସଙ୍ଗୀତ ନାଟକ ସହିତ କଳାତ୍ମକ ଅଭିବ୍ୟକ୍ତିର ପରିପ୍ରକାଶ ଘଟେ । ସବୁରି ମୂଳରେ କିନ୍ତୁ ଭାଷା । ଭାଷା ଓ ସାହିତ୍ୟ ଉଭୟେ ହାତ ଧରାଧରି ହୋଇ ବାଟ ଚାଲନ୍ତି । ଭାଷାର କ୍ଷେତ୍ରଟି ଯେତେ ବ୍ୟାପକ ହେବ, ସାହିତ୍ୟ ରଚନାର ପରିସର ସେତେ ପରିବ୍ୟାପ୍ତ ହେବ । ସାହିତ୍ୟ ହେବ ଭାଷାର ପ୍ରୟୋଗଶାଳା ଓ ଭାଷା ହିଁ ହେବ ସାହିତ୍ୟର ଆଧାଇଶିଳା । ଭାରତ ଗୋଟିଏ ବହୁଭାଷୀ ରାଷ୍ଟ୍ର, ଯେଉଁଠି ଭାଷା ବଳୟରୁ ଊର୍ଦ୍ଧ୍ବକୁ ଗଠି ଧର୍ମ, ଆଦର୍ଶ ଓ ବିଚାର ପ୍ରତି ଅଧିକ ଗୁରୁତ୍ୱ ଦିଆଯାଇଆସିଛି ଏବଂ ପ୍ରତିଟି ଅଞ୍ଚଳ ଭିତରେ ମଧ୍ୟ ଗୋଟିଏଗୋଟିଏ ବିଶ୍ୱର ସମ୍ଭାବନା ଲୁଚି ରହିଛି । ଆମେ ଅନେକ ସମୟରେ ଭାବିଆଇ ଯେ, ଯାହା ବାହାରୁ ଆମଦାନୀ ହୋଇ ଆସିଛି ତାହା ଗୁରୁତ୍ବପୂର୍ଣ । ବାହାରର ଦୁନିଆ, ସାମଗ୍ରୀ, ତର୍କ , ବିଚାର ଓ ଚାକଚକ୍ୟ ପ୍ରତି ଆମର ମୋହ ଆଇ ଦୁର୍ବଳତା ପ୍ରଚୁର । ମାତ୍ର ମନେରଖିବାକୁ ହେବ ଯେ, ଆମର ନିଜସ୍ୱ ଭିତ୍ତିଭୂମି ଓ ମୌଳିକତାକୁ ଛାଡ଼ି ଆମର ପରିଚୟ ଅବା ଅସ୍ତିତ୍ୱ ଖୋଜିବା ଫଳହୀନ ।

ସମୟେସମୟେ ଆମେ ଆଞ୍ଚଳିକତା ଉପରେ ଗୁରୁତ୍ୱ ଦେଇଥାଉ । ଆଞ୍ଚଳୀକତାର ଅର୍ଥ ସଂକୀର୍ଣ୍ଣତା ନୁହେଁ । ବରଂ ଅଞ୍ଚଳ ଭିତରେ ବିଶ୍ୱର ସମ୍ଭାବନାଟିଏ ଖୋଜିବା । ଆଞ୍ଚଳିକତା କଦାପି ସୀମିତ ଦୃଷ୍ଟିରଙ୍ଗୀଲି କ ପୃଥିବୀର ପରିକଳ୍ପନା କରେନାହିଁ । ଏହା ଅଞ୍ଚଳ ଭିତରେ ଥିବା ବିଶ୍ୱର ପରିକଳ୍ପନା କରେ । ପ୍ରତି ଅଞ୍ଚଳ ର ମାଟିକୁ ଉଖାରି ଦେଲେ ଆମେ ଇତିହାସର ଝଇଟିଏ ପାଇବା । ମାତ୍ର ସେହି ଇତିହାସର ଝରକା  ପାଖରେ ପଲକିବା ଓ ସାଇତି ରଖୁବା କ୍ଷେତ୍ରରେ ଆମର ପ୍ରୟାସ ଅତ୍ୟନ୍ତ କ୍ଷୀଣ ଓ ଦୁର୍ବଳ ମନେହୁଏ ।

ଆମେ ବହିରୁ ଇତିହାସ ଖୋଜୁ । ସନ-ବାର-ତାରିଖର ଗଣନା ଘୋଷି ଶାସକର ସିଂହାସନ ଆଧାରିତ ସମୟଖଣ୍ଡକୁ ମନେରଖୁବାକୁ ଚେଷ୍ଟା କରୁ । ମାତ୍ର ରାଜା ମହାରାଜାଙ୍କ ଇତିହାସ ଖୋଜୁଖୋଜୁ ସାଧାରଣ ମଣିଷ ଓ ସାଧାରଣ ଜୀବନର ଇତିହାସଟି କୋଣଠେସା ହେଇଯାଏ । ତେଣୁ ଅଞ୍ଚଳ ଭିତରେ ବି ଯେଉଁ ବିଶ୍ୱର ସମ୍ଭାବନାଟି ଅନାବିଷ୍କୃତ ହୋଇ ରହିଛି ଓ ଆଞ୍ଚଳିକ  ଭାଷାର ମହଲ  ଭିତରେ ତଥା ସ୍ଥାନଗତ ପାର୍ଥକ୍ୟ ଭିତରେ ଯେଉଁ ସ୍ୱାତନ୍ତ୍ର୍ୟ ଅଛି, ସେସବୁକୁ ଅଧିକ ଗୁରୁତ୍ୱ ଦେବାର ଆବଶ୍ୟକତା ରହିଛି ।

ସଂସ୍କୃତ ଭଳି ଗୋଟିଏ ଧର୍ମୀୟ ଓ ଶାସକୀୟ ସ୍ୱୀକୃତି ଥିବା ଭାଷାର ପ୍ରାଧାନ୍ୟ ଥିବା ସମୟରେ ବୁଦ୍ଧଦେବ ପାଲି ଭାଷାରେ ନିଜର ବାଣୀ ପ୍ରଚାର କରିଥିଲେ । ଏଇ ପାଇଁ ଭାଷାରେ ବୁଦ୍ଧଦେବଙ୍କର ବାଣୀକୁ ବ୍ୟକ୍ତ କରିବାର ଅଭିପ୍ରାୟ କଣ ହୋଇଥିବ ? ତାଙ୍କ ଅନୁଗାମୀମାନେ ବୁଦ୍ଧଙ୍କର ବାଣୀକୁ ପାଲି ଭାଷାରେ ଲିପିବଦ୍ଧ କରିବାର ଉଦ୍ଦେଶ୍ୟ ମଧ୍ୟ ନିଶ୍ଚୟ ଧର୍ମକୁ ଲୋକପ୍ରିୟ ଓ ଗଣାଭିମୁଖୀ କରିବା ହିଁ ହୋଇଥିବ । ସେ ସମୟରେ ସଂସ୍କୃତ ଓ ବ୍ରାହ୍ମଣ୍ୟବାଦର ପ୍ରାଧାନ୍ୟକୁ ନେଇ ହୁଏତ ଗୋଟିଏ ପ୍ରତିବାଦ ସୃଷ୍ଟି ହୋଇଥାଇପାରେ ।

ସେ ସମୟରେ ତିନି-ଚାରୋଟି କଥା ଅଧିକ ଗୁରୁତ୍ୱପୂର୍ଣ୍ଣ ହୋଇଥିବା ପରି ମନେହେଉଛି । ଗୋଟିଏ ହେଲା ସାଧାରଣ ଜୀବନରେ ସଂସ୍କୃତ ବଦଳରେ ଆ ନିଜ ଭାଷାର ବ୍ୟବହାର । ସଂସ୍କୃତ ଯେ ଆ ନିଜ ସ୍ତରରେ ଥିବା ଅପଭ୍ରଂଶ ଓ ପ୍ରାକୃତ ଭାଷାର ସଂସ୍କାରିତ ସ୍ୱରୂପ ହେଇନଥିବ, କିଏ କହିବ । ହୁଏତ ଧର୍ମ ତଥା ଦେବତାଙ୍କ ସହିତ ସମ୍ପର୍କ, ପଣ୍ଡିତ-ବ୍ରାହ୍ମଣଙ୍କ ଶୃଙ୍ଖଳାବଦ୍ଧ ଆଲୋଚନା ଓ ବ୍ୟବହାର, ଶାସକବର୍ଗର ସ୍ୱୀକୃତି ଓ ସହୃଦୟତା ଏବଂ ସର୍ବୋପରି ଲିପିବଦ୍ଧ ସ୍ୱରୂପର ସାହଚର୍ଯ୍ୟ ସଂସ୍କୃତ ଭାଷାକୁ ଏ ଭୂଖଣ୍ଡର ପ୍ରଧାନ ଭାଷାର ମାନ୍ୟତା ଦେଇଆସିଛି । ମାତ୍ର ସାଧାରଣ ଜନଜୀବନରେ ଭୂଖଣ୍ଡର କଥିତ ଭାଷା ହିଁ ବ୍ୟବହାରଗତ ପ୍ରାଧାନ୍ୟ ପାଇଥିବ ଓ କଥିତ ସ୍ତରରେ ଥିବାରୁ ଲିପିବଦ୍ଧତାର ସୁଯୋଗ ନପାଇ ନିଜର ପ୍ରାଚୀନ ପଦଚିହ୍ନମାନଙ୍କୁ ନିୟମିତ ହରେଇ ଚାଲିଥିବ । ଦ୍ୱିତୀୟତଃ ମନ୍ଦିରର ଈଶ୍ୱରଙ୍କ ବଦଳରେ ଗୃହ ବା ଗୃହ ପରିସରରେ ଈଶ୍ୱରଙ୍କ ପ୍ରତୀକାତ୍ମକ ସଂସ୍ଥାପନ । କାରଣ ଦୀର୍ଘଦିନ ଧରି ମନ୍ଦିର ପ୍ରବେଶ ଏକ ଜାତିଭିତ୍ତିକ ପ୍ରସଙ୍ଗ ହୋଇ ରହିଆସିଥିଲା । ମନ୍ଦିରର ଦୁଆର ଡେଇଁ ଦେବତାଙ୍କ ପାଖରେ ପହ ନପାରିବାର ଅସହାୟତାକୁ ଅତିକ୍ରମ କରି ସାଧାରଣ ମଣିଷ ନିଜ ଚତୁଃପାର୍ଶ୍ୱରେ ଦିଅଁ ଦେବତାଙ୍କ ଉପସ୍ଥିତିକୁ ଗୁରୁତ୍ୱ ଦେଇଥିବ । ଢିଙ୍କିରେ, ପିଢ଼ାରେ, ମାଣ-ଗଉଣିରେ, କୁଲା କି କବାଟରେ ଦିଅଁ ଦେବତାଙ୍କ ଉପସ୍ଥିତିକୁ ଗୁରୁତ୍ୱ ଦେଇ ପୂଜାର୍ଚ୍ଚନା ଆରମ୍ଭକରିଥିବ । ଗାଁ ମୁଣ୍ଡରେ ନିଜର ସୁରକ୍ଷା କବଚ ଭାବରେ ମା' ସୁଲଭ ଆତ୍ମୀୟତାରେ ଗ୍ରାମଦେବତୀଙ୍କ ସଂସ୍ଥାପନ କରିଥିବ । ଭୟ ହେତୁ ଯମ କି ନାଗମାତାଙ୍କ ପୂଜା କଲାବେଳେ ଘରଠୁ ସାମାନ୍ୟ ଦୂରରେ ଜାଗା ଖଣ୍ଡେ ବାଛିଥିବ ଓ ଲକ୍ଷ୍ମୀଙ୍କ ପୂଜା କଲାବେଳେ ସବୁ ଚିତା ଅଙ୍କିତ ପାଦକୁ ନିଜ ଘରମୁହାଁ କରି ପକେଇ ଘର ଅଭ୍ୟନ୍ତରର ଖଟୁଲିରେ ମାଣ ବସେଇ ଧନସମ୍ପଦର କାମନା କରିଥିବ । ତୃତୀୟତଃ ଭକ୍ତ ଓ ଈଶ୍ୱରଙ୍କ ଭିତରେ ବ୍ରାହ୍ମଣଭିକ ମାଧ୍ୟମଠାରୁ ଦୂରେଇ ଏଇ ଘର ଚାରିପଟେ ତଥା ପ୍ରକୃତି ପୂଜନ ପରମ୍ପରାରେ ନିଜେ ପୂଜା କରିବା ଆରମ୍ଭ କରିଥିବ ।

ଶେଷରେ ସଂସ୍କୃତ ବଦଳରେ ନିଜେ କହି-ବୋଲି ପାରୁଥିବା ଆ ନିଜ ଭାଷାରେ ଈଶ୍ୱର ପୂଜନର ଉଦ୍ୟମକରି ଅନ୍ତରଙ୍ଗତାର ସହିତ ନିଜ ଅଳି-ମାଗୁଣି-କାମନା ଜଣେଇଥିବ । ଉପରୋକ୍ତ କଥା କେତୋଟି ବିଚାରକୁ ନେଲେ ଦେଖାଯିବ ଯେ, ଯେତେସବୁ ଓଷା-ବ୍ରତର ପରମ୍ପରା, ନିଶ୍ଚୟ ଏଇଥରୁ ଆରମ୍ଭ ହେଇଥିବ । ଅଧିକାଂଶ କ୍ଷେତ୍ରରେ ସେଠି ବ୍ରାହ୍ମଣ ପୂଜା କରୁନଥିବେ, ଓଷେଇତିମାନେ ପୂଜା କରୁଥିବେ । ମନ୍ଦିରର ଦିଅଁ ଦେବତାଙ୍କ ବଦଳରେ ଗାଁ ଦାଣ୍ଡ, ଖଳା, ବାଡ଼ିରେ ଲିପାପୋଛା କରି ପୂଜା କରାଯାଇଥିବ । ଅର୍ଥାତ ସଂସ୍କୃତ, ବ୍ରାହ୍ମଣ ଓ ବିଗ୍ରହ ପୂଜନ ବିରୋଧରେ ପ୍ରତିବାଦଲିକ ଆଭିମୁଖ୍ୟରୁ ଏଇ କଥାଟି ସୃଷ୍ଟି ହୋଇଥିବ । ବସ୍ତୁ ଭିତରେ ଲଶ୍ୱରଙ୍କ ରୂପ ଦିଶିଥିବ । ଅଞ୍ଚଳ ଭିତରେ ବିଶ୍ୱର ମହକ ଖୋଳିବା ଦିଗରେ ଏହା ଗୋଟିଏ ଗୁରୁତ୍ୱପୂର୍ଣ ପ୍ରସଙ୍ଗ ମନେହୁଏ ।

ଲିଖିତ ହେଉ ବା ମୌଖିକ ସାହିତ୍ୟିକ ପରମ୍ପରା ହେଉ, ସାହିତ୍ୟ ମାଧ୍ୟମରେ ବିଚାରଟିଏ ହିଁ ଉପସ୍ଥାପିତ ହୁଏ । ବିଚାରଟି ଯେତେବେଳେ ସାମ୍ନାକୁ ଆସିବ, ତାହା ସ୍ୱାଭାବିକ ଭାବରେ ଭାଷା ନଚେତ ସାହିତ୍ୟର ସାହାଯ୍ୟ ନେବ । ବିନା ଭାଷା ଓ ବିନା ସାହିତ୍ୟରେ ବିଚାର ବ୍ୟକ୍ତ କଣ ସମ୍ଭବ ! ମାତ୍ର ବିବିଧ ପ୍ରସଙ୍ଗ, ବସ୍ତୁ ଓ ପରମ୍ପରା ଭିତରେ ମଧ୍ୟ ପ୍ରତୀକାତ୍ମକ ଭାବରେ ବିଚାରଟିଏ ଲୁକ୍କାୟିତ ଅବସ୍ଥାରେ ଥାଏ । ଆମକୁ ସମୟାନ୍ତରରେ ସେସବୁକୁ ଆବିଷ୍କାର କରିବାକୁ ହୁଏ । ଏଣୁ ଆମ ସାହିତ୍ୟର ବାଚନ, ଲିଖନ ଓ ଗବେଷଣାରେ ଏସବୁ ଅଧିକରୁ ଅଧିକ ସାମ୍ନାକୁ ଆସିବାର ଆବଶ୍ୟକତା ଅଛି । ଅନେକ ସମୟରେ ଜଗନ୍ନାଥ ସଡ଼କ କଥା ଆଲୋଚନା ହୁଏ । ସାଧାରଣ ଅର୍ଥରେ ଆପଣଙ୍କ ଅଞ୍ଚଳକୁ ପୁରୀ ମନ୍ଦିର ସହିତ ଯୋଡୁଥିବା ସଡ଼କଟି ହୁଏତ ପରିବ୍ୟାପ୍ତ ହୋଇ ଜଗନ୍ନାଥ ସଡ଼କର ମାନ୍ୟତା ପାଇଛି । ମାତ୍ର ଗୁରୁତ୍ୱପୂର୍ଣ ଯେ ଏହି ସଡ଼କଟି ଗୋଟିଏ ବ୍ୟକ୍ତିର ଆଞ୍ଚଳିକତାକୁ ଗୋଟିଏ ବିଶ୍ୱ ଚେତନା ସହିତ ଯୋଡ଼ିବାର ସାମର୍ଥ୍ୟ ରଖେ । ଅର୍ଥାତ୍ ଯେଉଁ ସଡ଼କଟି ସାଧାରଣ ଲୋକଟିଏକୁ ଜଗନ୍ନାଥଙ୍କ ସହିତ ଯୋଡୁଥିଲା, ତାହା ହିଁ ଜଗନ୍ନାଥ ସଡ଼କ । ବାଟ କେତେ ଦୀର୍ଘ ବା

ରାସ୍ତା କେତେ ପ୍ରଶସ୍ତ, ତାହା ଗୁରୁତ୍ୱପୂର୍ଣ୍ଣ ନୁହେଁ । ବରଂ ଦାଟଟିଏ କେମିତି ବ୍ୟକ୍ତିକୁ ଏକ ବିଶାଳ ଧର୍ମୀୟ ଭାବନା, ଆଦେଶ, ବିଶ୍ବାସ ଓ ଭାବପ୍ରବଣତା ସହିତ ସମ୍ପୃକ୍ତ କରୁଛି, ତାହା ମହତ୍ତ୍ୱପୂର୍ଣ୍ଣ।

ବୋଝ ଭଳି ମୁଣ୍ଡେଇଦେବା ଭଳି ଗଣ୍ଡିଲି ଭଳି ପିଠିରେ ଲଦିଦେବା ସାହିତ୍ୟର ଗୁଣ ନୁହେଁ । ସାହିତ୍ୟ ମଧ୍ଯ ବଳ ପ୍ରୟୋଗ କରେନାହିଁ । କୌଣସି କଥାକୁ ' ମୁଁ ଅଥବା 'ମୋର' ସୁଲଭ ଅହଂକାରରେ କୁହେନି । ମାନିବାକୁ ବାଧ୍ୟ କରେନାହିଁ । ନିଜକୁ ଭଦ୍ର ବୋଲି ପ୍ରମାଣିତ କରିବାପାଇଁ ଆଉ କାହାର ଧୋବଧଉଳା ପୋଷାକ ଉଧାର ଆଣିବାକୁ ରସୁଜାଏ ନାହିଁ । ବରଂ ଭଲ ସାହିତ୍ୟ ଆଗରେ ସ୍ୱତଃ ମଥା ନଇଁଯାଏ । ଭଲ ସାହିତ୍ୟ ସାଧାରଣକୁ ଅସାଧାରଣ ସ୍ତରକୁ ର ଗିତ କରିପାରେ। ଏ ପ୍ରସଙ୍ଗରେ ବସନ୍ତ କୁମାର ଶତପଥୀଙ୍କର 'କାଣି ଚିଆଁ' ଗଳ୍ପଟି ମନେପଡୁଛି । ସେ ଗପରେ ଗୋଟିଏ କୁକୁଡ଼ା ଚିଆଁର କଥା କୁହାଯାଇଛି, ଯାହାର ଗୋଟିଏ ଆଖକୁ ଦିଶୁନାହିଁ । ତାକୁ ପୋଷିଛି ଶିରୀ ମଣ୍ଡଳ । ହଠାତ୍ ଦିନେ ଦେଖିଲାବେଳକୁ ସେଇ କଣା ଚିଆଁଟିକୁ ଚିଲଟିଏ ଝାମ୍ପି ନେଇଛି । ଶିରୀ ମଣ୍ଡଳ ସେହି ଚିଲକୁ ଖୋଜିଖୋଜି ପାଇଛି । ଗୋଟିଏ ଉଚ୍ଚା ଆକାଶଛୁଆଁ ଗଛ, ଯେଉଁଠି ଡାଳଗୁଡ଼ିକ ପ୍ରାୟ ଶୁଖୁଗଲାଣି, ଚିଲ ସେହି ଡାଳରେ ବସା ତିଆରି କରି ରହିଛି । ମଣ୍ଡଳ ସେହି ଗଛ ଉପରକୁ ଚଢ଼ିଛି । ସେ ଉପରକୁ ଚଢ଼ି ଦେଖୁଛି, ଚିଲ ଛୁଆ ଦେଇଛି । ସେ ଚିଲ ବସାରେ ନିଆଁ ଲଗାଇ ଦେଉଛି । ଚିଲ ବାଧ ହେଇ ଉଡ଼ିଯାଇଛି କିନ୍ତୁ ତା'ର ଛୁଆ ଦୁଇଟି ନିଆଁରେ ପୋଡ଼ି ମରିଯାଇଛନ୍ତି । ଏହାପରେ ଶିରୀ ମଣ୍ଡଳ ମୁହଁରେ ହସ ଦେଖାଦେଉଛି, ଯେଉଁଥିରେ ହୁଏତ ଅନେକ ବିଭସ୍ତତା ମିଶି ରହିଛି । ବହୁ ସମୟର ଅସହାୟ ଉଡ଼ାଣ ପରେ ଚିଲ ଦମ୍ପତି ଆସି ସେହି ଥୁଣ୍ଟା ଗଛର ଡାଳରେ ବସିଛନ୍ତି । ଲେଖକ ଗୋଟିଏ ଧାଡ଼ି କେବଳ ଲେଖୁଛନ୍ତି ଯେ "ଚିଲ ଦମ୍ପତି ବସିରହିଥିଲେ ବାଂଲାଦେଶ ଯୁଦ୍ଧରେ ସବୁ କିଛି ହରାଇଥିବା ବାସ୍ତୁହରା ଦମ୍ପ'ତିଙ୍କ ଭଳି । " ବାଂଲାଦେଶ ତିଆରି ପୂର୍ବରୁ ଭାରତ-ପାକିସ୍ତାନ ଯୁଦ୍ଧ ପୃଷ୍ଠଭୂମିରେ ଗପଟି ରଚିତ । କେଉଁଠି ମଧ୍ଯ ଗାଳ୍ପିକ ପାକିସ୍ତାନ କି ଭାରତ କଥା କହିନାହାନ୍ତି । ଏଇ ଧାଡ଼ିକ ଛାଡ଼ିଦେଲେ ସେ ଗପରେ ବାଂଲାଦେଶ ସମ୍ପର୍କରେ ଆଉ କିଛି ବି ଦେଖୁବାକୁ ମିଳେନାହିଁ । କିନ୍ତୁ ସେଇ ଗୋଟିଏ ଧାଡ଼ି ଗପଟିକୁ ଆଉ ଥରେ ପଢ଼ିବା ଓ ଆଉ ଥରେ ଭାବିବା ପାଇଁ ବାଧ୍ୟ କରେ । ଏଇ ଧାଡ଼ିକ ଭିତରେ ଅ ଳଟିଏ ଲୁଚିରହିଛି, ଲୋକଙ୍କର ଦୁଃଖ-କଷ୍ଟ-ଯାତନା ସଂଗୋପିତ ହୋଇ ରହିଛି । ସାହିତ୍ୟର ମୂଳ ଉଦ୍ଦେଶ୍ୟ ହେଉଛି ମଣିଷ ଅଭ୍ୟନ୍ତରର କେଉଁ ନିଭୃତ କୋଣରେ ଥିବା ଚିନ୍ତା-ଚେତନା-ବିଚାରକୁ ଦେଖାଇଦେବା ଓ ଅତିକ୍ରମିବାର ସାମର୍ଥ୍ୟ ତିଆରିବା।

ଅନେକ ସମୟରେ ଆଉ ଗୋଟିଏ ଭୟ ଥାଏ । ଯେତେବେଳେ ନିର୍ଦ୍ଦିଷ୍ଟ ବିଚାର ବା ଆଭିମୁଖ୍ୟ ପ୍ରଚାର କରିବା ସାହିତ୍ୟିକର ଉଦ୍ଦେଶ୍ୟ ହୋଇଯାଏ, ସେତେବେଳେ ଏହି ଭୟଟି ମୁଖର ହୁଏ । ଆମେ ଅନେକ ସମୟରେ ପ୍ରୋପାଗଣ୍ଡା ଲିଟେରବର କଥା କହିଥାଉ । ସେଠି ସାହିତ୍ୟିକଟିଏ ଗୋଟିଏ ଧରାବନ୍ଧା ନିୟମରେ ବାନ୍ଧି ହୋଇଯାଇଥାଏ । ସେ ଭାବେ, ମୋର ଏହା ହିଁ କହିବାର ଅଛି । ପୃଥବୀ ବଦଳିଯାଉ, ଯାହାବି ଘଟିଯାଉ ମୋର ଏହା ହିଁ ବ୍ୟକ୍ତ କରିବାର ଅଛି। ସେଇଠି ଅସୁବିଧା ଥାଏ । ବିଚାରଟି ଯଦି ମୁକ୍ତ, ସାର୍ବଜନୀନ ତାହେଲେ କିଛି ଅସୁବିଧା ନାହିଁ ।

ଏହା ଗୋଟିଏ ଲଦି ଦେବା ଭଳି ଜିନିଷ ନୁହେଁ । ଏଥରେ ସ୍ୱାଭିମାନ ମଧ ଜଡ଼ିତ ହୋଇଥାଏ । ଅନେକ ସମୟରେ ଆପଣ ଏମିତି ସାହିତ୍ୟ କୃତି ପାଇବେ, ଯେଉଁଥିରେ ବିଚାର ଲଦିଦେବା ପ୍ରକ୍ରିୟା ହିଁ ମୁଖ୍ୟ ପ୍ରସଙ୍ଗ ହେଇଯାଇଥାଏ ।

ଆମର ସେହି ସାହିତ୍ୟ କୃତିଗୁଡ଼ିକ ବେଶୀ ମନେରହେ, ଯେଉଁଥିରେ ଭଲ କାହାଣୀଟିଏ ଥାଏ । କାହାଣୀଟି ପାଠକକୁ ପ୍ରଭାବିତ କରେ କିନ୍ତୁ କାହାଣୀର ଅନ୍ତରାଳେ ଯେଉଁ ଉଦ୍ଦେଶ୍ୟଟି ପ୍ରବାହିତ ହେଉଥାଏ ସେଇଟି ହିଁ ତାକୁ ବଞ୍ଚେଇ ରଖେ। ସାଧାରଣତଃ ପିଢି ପରେ ପିଢ଼ି, ପିଢ଼ି ପରେ ପିଢ଼ି ଶୁଣିଶୁଣି ରାମାୟଣ ଓ ମହାଭାରତ ମନେରହିଛି । ଆମର ଯେଉଁ ଶୃତି ଓ ସ୍ମୃତି ପରମ୍ପରା ଥିଲା, ସେଥିରେ ସବୁକଥା ଶୁଣିଶୁଣି ମନେରହୁଥିଲା । ଗଳ୍ପ ସାଗର ପରମ୍ପରାରେ ପଞ୍ଚତନ୍ତ୍ର ହେଇ ବା

ଆଈ ମାଆ କାହାଣୀ ଶୈଳୀରେ ଆମ ଲୋକ କାହାଣୀ ହେଉ, ଏସବୁ ତ ସେଇ ପରମ୍ପରାର ଫଳଶ୍ରୁତି । ଏବେ ତ ଲିଖନ ପ୍ରକ୍ରିୟାର ସମୟ କିନ୍ତୁ ତା ସେ, ରାମାୟଣ, ମହାଭାରତକୁ ସମ୍ପୂର୍ଣ ଭାବରେ ପଢିଥିବା ଲୋକ କେତେଜଣ ଅଛନ୍ତି ? ତେଣୁ କେତେକ ପ୍ରସଙ୍ଗ ଅଛି, ଯାହା ଏମିତି ବି ଚେତନାରେ ରୂପାନ୍ତରିତ ହୁଏ, ଯାହା ହୁଏତ ପଢ଼ିବାର ଆବଶ୍ୟକତା ନଥାଏ । ଯଦିବା ଆମେ କହିଥାଉ ଅକ୍ଷରର କ୍ଷୟ ନାହିଁ ବୋଲି କିନ୍ତୁ ଅକ୍ଷରଠାରୁ ମଧ ବିଚାରଟି ଉଚ୍ଚକୁ ଚାଲିଯାଇପାରେ ଓ ଚେତନାଟିଏ ଆହୁରି ଉର୍ଦ୍ଧ୍ୱଗାମୀ ହୋଇପାରେ । ଭାଷିକ ସୀମିତତା ତାକୁ ବନ୍ଦୀ କରିପାରେ ନାହିଁ । ଏବେ ସିନା ଆମେ ଗୋଟିଏ ଭୌଗୋଳିକ ସୀମାରେଖା ଟାଣିଦେଇ ଓଡ଼ିଶା ବଙ୍ଗଳା-ବିହାର ବୋଲି ବିଭିନ୍ନ ଅ ଳର ନାମକରଣ କରିଛେ । କିନ୍ତୁ ଦୁଇଶହ କି ତିନି ଶହ ବର୍ଷ ତଳେ ବା ତା ପୂର୍ବରୁ ଆଜିର ଭୌଗୋଳିକ ସୀମାରେଖାଜନିତ ଟୋଲ୍ ଗେଟ ଥିଲା କି! ଏଣୁ ଭୌଗୋଳିକ ବାଧାବନ୍ଧନ ଅପେକ୍ଷା ସାଂସ୍କୃତିକ ସୀମାରେଖା, ଚେତନାଧର୍ମୀ ସୀମାରେଖା, ଧର୍ମୀୟ ସୀମାରେଖା, ପରମ୍ପରାରି କ ସୀମାରେଖା ଅଧିକ ଗୁରୁତ୍ୱପୂର୍ଣ ମନେହୁଏ ।

ଆମେ ଏମିତି ଗୋଟିଏ ପୃଥବୀରେ ବଞ୍ଚିଛେ ଯେଉଁଠି କ୍ରମଶଃ ଆବେଗମାନେ ମରିଯାଉଛନ୍ତି । ପାଠକେ ଆବେଗର ଅର୍ଥ ବସ୍ତୁରିକ ଉଲ୍ଲାସ ନୁହେଁ ବରଂ ସମ୍ବେଦନା ଓ ସମ୍ବେଦନଶୀଳତା ଅର୍ଥରେ ବୁଝିବାକୁ ଅନୁରୋଧ । କ୍ରମଶଃ ସମ୍ବେଦନଶୀଳ ଆବେଗମାନଙ୍କର ମୃତ୍ୟୁ ଘଟି ଚାଲିଥିବାବେଳେ, ବଢ଼ିଚାଲିଛି ପାଣ୍ଡିତ୍ୟ ଓ ଚାତୁର୍ଯ୍ୟର ପୃଥବୀ । ନିରୋଳା ଆବେଗ ଯଦି ତାତ୍କାଳିକ ସମସ୍ତ ନିଷ୍ପ ନେବ ସେଥିରେ ଯେତିକି ଅସୁବିଧା, ଆବେଗକୁ ମାତ୍ରାଧିକ ପାଣ୍ଡିତ୍ୟ ସମ୍ପୃକ୍ତ, ନିୟନ୍ତ୍ରଣାଧୀନ କରିଦେଲେ ମଧ ସେତିକି କ୍ଷତି । ଏମିତି ହେଲେ ଛୋଟଛୋଟ ଦୁଃଖ, ସୁଖ, କଷ୍ଟର କଥା ବୁଝୁବୁଝୁ ଜୀବନର କୌଣସି ପ୍ରଭାବଶାଳୀ ଅନୁଭବକୁ ବ୍ୟକ୍ତ କରିହେବ ନାହିଁ । ଅଥବା ଜୀବନର ସବୁକିଛି ଦର୍ଶନ ଓ ଜଟିଳ ଚିନ୍ତନ ଭିତରେ ଛନ୍ଦି ହୋଇଯିବ ।

ରବୀନ୍ଦ୍ରନାଥଙ୍କର ଗୋଟିଏ ନାଟକ ଥିଲା 'ଡାକଘର' । ସେଥିରେ ରୋଗଗ୍ରସ୍ତ କମଲ ନାମକ ଶିଶୁ ଚରିତ୍ରଟି ପଣ୍ଡିତ ହେବାକୁ ଚାହେଁନାହିଁ ବୋଲି କହୁଛି । ତା ଆଖି ସାମ୍ନାରେ ମୃତ୍ୟୁ ଅଥଚ ବନ୍ଦିର ପୃଥିବୀ ଠାରୁ ଦୂରେଇ ଅନୁଭବର ବିଶ୍ୱକୁ ସେ ଗୁରୁତ୍ୱ ଦେଉଛି । ରାଜେନ୍ଦ୍ର କିଶୋର ପଣ୍ଡାଙ୍କର ମଧ ସେହିପରି ଗୋଟିଏ କବିତା ଅଛି, ଯେଉଁଠି ସେ କହୁଛନ୍ତି 'ମୁଁ ପଣ୍ଡିତ ହେବାକୁ ଚାହେଁନା' । ପଣ୍ଡିତ ହୋଇଗଲେ ଆବେଗଗୁଡ଼ିକ ଝାଉଁଳି ପଡ଼ିଯିବାର ମାତ୍ରାଧିକ ଭୟ ଅଛି । ତେଣୁ ସେ ଦୃଷ୍ଟିରୁ ଆବେଗ ଓ ପାଣ୍ଡିତ୍ୟର ସମନ୍ୱୟ ଆବଶ୍ୟକ । ଆମକୁ ସାହିତ୍ୟ ଏଇ କଥାଟି ହିଁ ଶିଖାଉଛି । ଏଣୁ ଯେତିକି ଗୁରୁତ୍ୱପୂର୍ଣ ବିବେକବୋଧର ପା ଣ, ସେତିକି ଗୁରୁତ୍ୱପୂର୍ଣ ମଧ୍ଯ ଖରାଦିନିଆ ଦୁଇପହରର ବାରଣ ନମାନି ଗାଁ ମୁଣ୍ଡ ପୋଖରୀରେ ଖପରାଡିଆଁର ଢେରଗଣା କି ସେଠୁ ଫେରିଲାବେଳକୁ ନଳକୂଅ ପାଖରେ ଏକୁଟିଆ ଠିଆହେଇଥିବା ଲୋକର ପାଣି ପିଇବାଜନିତ ଅସହାୟତାକୁ ଦୂରେଇଦେବାକୁ ଯାଇ ବିନା କୌଣସି କଥା କି ପରିଚୟରେ, ନଳକୂଅର ହ୍ୟାଣ୍ଡେଲ ମାରି ଜଣାଶୁଣା ବା ଅଜଣା ଲୋକଟିର ସହାୟତା କରିବା ।

ଆଗରୁ ସମ୍ବେଦନା ସମନ୍ୱିତ ଆବେଗ କଥା ଆମର ଧର୍ମ ଓ ଧର୍ମୀୟ ବିଶ୍ୱ ଆମକୁ କହୁଥିଲା । ରାମାୟଣ, ମହାଭାରତ, ଭାଗବତକୁ ଆଜିକାଲିର ମାପକାଠିରେ ଧର୍ମୀୟ ସାହିତ୍ୟ ବୋଲି ଆପଣ କହିପାରନ୍ତି । ମାତ୍ର ଏହି ପରମ୍ପରାରୁ ହିଁ ପାପ-ପୁଣ୍ୟର ବିଚାରବୋଧ, ଔଚିତ୍ୟ-ଅନୌଚିତ୍ୟର କଥା ଶିଖୁଥିଲା ମଣିଷ । ଏହା ଠିକ, ଏହା ଭୁଲ- ଏ କଥା ବିଚାରି ବିବେକବୋଧକୁ ଜାଗ୍ରତ କରିବାର ବାଟ ଶିଖୁଥିଲା । ଏବେ କିନ୍ତୁ ଆମ ସାହିତ୍ୟ ଏମିତି ଏକ ଦୋ ଛକିରେ ଠିଆ ହୋଇଛି, ଯେଉଁଠି ତାତ୍କାଳିକତା ହିଁ ଅନେକ ସମୟରେ ଆମର ଆବେଗମାନଙ୍କୁ ପ୍ରଭାବିତ କରୁଛି । ଆମେ ମଧ ତା'ର ଶିକାର ହେଉଥିବାରୁ ଆମଦ୍ୱାରା ଲିଖିତ ସାହିତ୍ୟ କ୍ରମଶଃ ଖବରକାଗଜରେ ରୂପାନ୍ତରିତ ହୋଇ ଲିଭିଯିବାର ଭୟଟିଏ ତିଆରି ହେଉଛି ।

ଅନେକ ସମୟରେ ମଣିଷ ମନରେ ସୋସିଆଲ ମିଡିଆର ସାହାଯ୍ୟ ନେଇ ନିଜକୁ ବ୍ୟକ୍ତ କରିବାର ଯେଉଁ ତାତ୍କାଳିକ ଚିନ୍ତାଧାରା ସବୁ ଆସୁଛି, ହୁଏତ ପର ମୁହୂ 'ରେ ତା'ର କୌଣସି ମୂଲ୍ୟ ରହୁନାହିଁ । ଯେମିତି ଚବିଶ ଘ । ମଧ୍ଯରେ ଫେସ୍‌ବୁକ୍‌ର ଗୋଟିଏ ଷ୍ଟୋରୀ, ରିଗ୍ ବା ହ୍ବାଟ୍‌ସଆପ୍‌ର ଷ୍ଟାଟସ୍ ଝାଉଁଳି ଯାଏ, ମଣିଷର ପ୍ରତ୍ୟେକ ଉଦ୍ୟମ ତଥା ହର୍ଷ ଉଲ୍ଲାସ, ଦୁଃଖ-ଶୋକସବୁ, ସେମିତି ଚବିଶ ଘଆ ଆୟୁଷ ନେଇ ।ତିଆରି ହୋଇଛି । ସାର୍ବଜନୀନ ତଥା ସାର୍ବକାଳିକ ହେବାର ଗୋଟିଏ ପ୍ରୟାସ ସାହିତ୍ୟ ଭିତରେ ଲୁଚି ରହିଥାଏ । ଯାହା ଜୀବନକୁ ପ୍ରଭାବିତ କରିଥାଏ । ଯଦି ତାହା ସମ୍ଭବ ହୋଇ ପାରିଲା ନାହିଁ, ତେବେ ଆଉଥରେ ଆମେ ଆମ ନିଜକୁ ନିରେଖିବାକୁ ହେବ ।

ଆଜକୁ ମାତ୍ର ପନ୍ଦର ବର୍ଷ ତଳେ ସୋସିଆଲ ମିଡିଆର ଏତେ ପ୍ରାଧାନ୍ୟ ନଥିଲା । ନିଜକୁ ବ୍ୟକ୍ତ କରିବାପାଇଁ ସୋସିଆଲ ମିଡିଆ ଆମର ବାଟ ସହଜ କରିଦେଲା । କିନ୍ତୁ ପହ ଇଲା କେଉଁଠି ? ରାସ୍ତା କଳା ସଡ଼କ କି ପଙ୍କା - ତା ଉପରେ ଚାଲିବା ଲୋକର ଚାଲିବାର ଶୈଳୀ ନିର୍ଭର କରେ । ଗଳିବାଟଟିଏ ହେଇଥାଉ ପଛେ, ଯଦି ବାଟ ଚାଲିବାର ସାହସ ଓ ଶକ୍ତି ଅଛି, ତେବେ କୋଇଠି ହେଲେ ବି ଯାଇ ପହ ବାର ସମ୍ଭାବନା ଥାଏ । କିଛି ନଥାଉ ସାଙ୍ଗରେ, ଆଲୁଅ ନଥାଇ ଆକାଶରେ, ଶବ୍ଦ ବି ନଥାଇ ପୃଥିବୀରେ କିନ୍ତୁ ଅନ୍ତରର ଡାକ ଶୁଭିଲା ଯଦି ସେତିକି ଯଥେଷ୍ଟ । ସାହିତ୍ୟ ସେଇ ଡାକକୁ କାନ ଡେରି ଶୁଣିବା କଥା ହିଁ କହୁଥାଏ ।

ସଞ୍ଜରେ ଝାଉଁଳି ପଡ଼ିଥିବା  ଗଛକୁ ଆମେ ଯେତେବେଳ ପାଣି ଦେଉ ତା' ପର ଦିନ ସକାଳକୁ ସେ ପୁଣିଥରେ ପୂର୍ବ ଅବସ୍ଥାକୁ ଫେରିଯାଇଥାଏ । ମଣିଷର ଜୀବନ କିନ୍ତୁ ସେମିତି ହେବା ସମ୍ଭବ ନୁହେଁ । ସବୁ ପୁରୁଣା ଅସହାୟ ମୁହୂ'କୁ ସହସା ଭୁଲିଯାଇ ଏତେ ସହଜରେ ପୁଣିଥରେ ଜିଇଁପାରିବା କ'ଣ ଛୋଟିଆ କଥା? କିନ୍ତୁ ମନେରଖିବାକୁ ହେବ ଯେ ଭୁଲିଯାଇ ପାରୁଛି ବୋଲି ହିଁ ମଣିଷ ବି ପାଳୁଛି । ତେଣୁ ଆମର ଅଭ୍ୟନ୍ତରରେ ପ୍ରବହମାନ ସ୍ରୋତରେ ସକାରାତ୍ମକ ନିରନ୍ତରତା ରହିଲେ ହିଁ ଆମ ଚେତନା ଓ ଚିନ୍ତନର ନଦୀ ପ୍ରବାହିତ ହେବ । ଯେପର୍ଯ୍ୟନ୍ତ ସାହିତ୍ୟ ସେହି ପାଣିଦିଆ କାର୍ଯ୍ୟ ନିଷ୍ଠାର ସହିତ କରିଚାଲିଥିବ, ଆମ ଜୀବନ ଗଛରେ ପଲ୍ଲବନର ନିଶ୍ଚିତ ସମ୍ଭାବନା ଅଛି । ବାର୍ତ୍ତମାନ ସମୟ ଏମିତି ଯେ, ଆମେ ସମସ୍ତେ ନିଜର ଅହଂକୁ ହିଁ ପାଳିପୋଷି, ନିଜକୁ ଗୁରୁତ୍ୱ ଦେଇଦେଇ ସମୟ ଅତିବାହିତ କରୁଛେ । ଭୁଲିଯାଇଛେ ଯେ, ବାହାରର ବ୍ୟକ୍ତି, ଜୀବନ, ପ୍ରକୃତି, ସମ୍ପର୍କ, ବସ୍ତୁ କି ଗାଁ ସହିତ ଆମର ଯୋଗାଯୋଗ କ୍ରମଶଃ ଶିଥିଳ ହେଇଯାଉଛି । କ୍ରମଶଃ ଲୋପ ପାଇଯାଇଛି ହୃଦୟବ । ଓ ସମ୍ବେଦନଶୀଳତା । ସାହିତ୍ୟ କେବଳ ମାତ୍ର ଅକ୍ଷର କର୍ମ ନୁହେଁ, ବରଂ ଅକ୍ଷର ସେବା । କେବଳ ସୋସିଆଲ ମିଡିଆରେ ସୀମିତ ରହି ଦୃଶ୍ୟମାନ ହେଲେ ଅକ୍ଷର(ଯାହା କ୍ଷୟ ହୁଏନାହିଁ)ର ପ୍ରଭାବ ସୃଷ୍ଟି ହୋଇପାରିବ ନାହିଁ । କାଗଜ-କାଳିର ଅକ୍ଷର ହୃଦୟକୁ ଛୁଇଁଲେ ଓ ହୃଦୟରେ ସାଇତା ହେଲେ ହିଁ ସାହିତ୍ୟ ଅନ୍ତରାତ୍ମା ଓ ଜୀବନ ପ୍ରବାହ ସହିତ ଜଡ଼ିତ ହୋଇପାରିବ । ସାହିତ୍ୟରେ ଆବେଗ, ସହୃଦୟତା, କଳ୍ପନା ସମନ୍ବିତ ଚେତନା ହିଁ ଗୋଟିଏ ଉଚ୍ଚ ବିଚାରର ଦଳୟ ଓ ଚିନ୍ତନଶୀଳ ନୂଆ ପୃଥବୀ ତିଆରି କରିପାରିବ । ଆମ ସହିତ ଅଦୃଶ୍ୟ ଭାବରେ ବାଟ ଚାଲୁଥିବା ପରମ୍ପରା ଓ ଆମେ ବ ଥିବା ଦୃଶ୍ୟବହୁଳ ପୃଥବୀର ସମନ୍ବୟାତ୍ମକ ସଂସ୍କୃତିରେ ହିଁ ସେହି ପରିବର୍ତ୍ତନ  ସମ୍ଭବପର ହୋଇପାରିବ ।

ଓଡ଼ିଆ ବିଭାଗ,
ରେଭେନ୍ସା ବିଶ୍ୱବିଦ୍ୟାଳୟ, କଟକ

# ମନୋଜ ଦାସଙ୍କ କିଛି ଗଳ୍ପ ଓ ଏହାର ବାର୍ତ୍ତା

ଡ଼ ବିକାଶ କୁମାର ମଲିକ

ମୋର ପିଲାବେଳ ଓଡ଼ିଶାରେ କଟିଥିଲା । ଏବେ କିନ୍ତୁ ଅନେକ ବର୍ଷ ହେଲା ଦିଲ୍ଲୀକୁ ଆସିଛି । ବିଶେଷ ମନ ନ ଥିଲେ ବି ଦିଲ୍ଲୀରେ ରହିବାକୁ ପଡୁଛି । ଶିକ୍ଷା ଓ ରୋଜଗାର—ଦୁହେଁ ଦିଲ୍ଲୀରେ ହିଁ ପରିପୁଷ୍ଟ ହୋଇଛନ୍ତି, ପରିବାର ମଧ୍ୟ ଏଠି । ତଥାପି ନିଜ ଗାଁ, ବନ୍ଧୁ–ପରିଜନ ସମସ୍ତେ ମନେ ପଡ଼ନ୍ତି । ପିଲାବେଳରେ ପଢ଼ିଥିବା କାହାଣୀଗୁଡ଼ିକ ମଧ୍ୟ ବାରମ୍ବାର ମନକୁ ଆସିଯାଏ । ସେମାନଙ୍କ ମଧ୍ୟରୁ ମନୋଜ ଦାସଙ୍କ ଗଳ୍ପ ମୋ ହୃଦୟକୁ ଗଭୀର ଭାବେ ଛୁଇଁଯାଏ । ଅନେକ ଓଡ଼ିଆଙ୍କ ପରି ସେ ମଧ୍ୟ ମୋର ପ୍ରିୟ ଗାଳ୍ପିକ /କାହାଣୀକାରଙ୍କ ମଧ୍ୟ ରୁ ଅନ୍ୟତମ ।

ତାଙ୍କ ରଚନାରେ ଜୀବନର ଛବି ଦେଖିହୁଏ, ଭାବକୁ ପଢ଼ିହୁଏ, ସୂକ୍ଷ୍ମ ତାକୁ ଅନୁଭବୀ ହୁଏ। ତାଙ୍କର 'ଲକ୍ଷ୍ମୀର ଅଭିସାର' ବହିଟି ମୁଁ ଅନେକ ଥର ପଢ଼ିଛି । ଆଜି ଯେତେବେଳେ ଆମ ପ୍ରୟାସ ପତ୍ରିକା/ସ୍ମରଣିକା ପାଇଁ କିଛି ଲେଖିବାକୁ ପଡ଼ିଲା, ମୁଁ ଭିତରେ ଭାରି ଦ୍ୱିଧାରେ ପଡ଼ିଗଲି—କଣ ଲେଖିବି? ଶେଷରେ ଭାବିଲି, ମନୋଜ ଦାସଙ୍କ ଗଳ୍ପଗୁଡ଼ିକୁ ପୁଣିଥରେ ମନରେ ଜାଗ୍ରତ କରିବି । ତାଙ୍କ ସମସ୍ତ ଗଳ୍ପକୁ ବଖାଣିବା ସମ୍ଭବ ନୁହେଁ । ତେଣୁ ମୋ ମନକୁ ଯେଉଁ କିଛି ଗଳ୍ପ ଅତି ଛୁଇଁଛି, ସେଗୁଡ଼ିକ ବିଷୟରେ ମାତ୍ର ଲେଖିବି । ସବୁ ଗଳ୍ପ 'ଲକ୍ଷ୍ମୀର ଅଭିସାର' ବହିରୁ । କେବଳ ମୋର ଅନୁଭୂତି ଯୋଗ କରିବି—କାହିଁକି ମୋତେ ସେଗୁଡ଼ିକ ଭଲ ଲାଗେ, ତାହା କହିବି ।

ସେହି ବହିର ସର୍ବପ୍ରଥମ ଗଳ୍ପ 'ଲକ୍ଷ୍ମୀର ଅଭିସାର' ଅତ୍ୟନ୍ତ ମନଛୁଆଁ । ଲକ୍ଷ୍ମୀ ଗୋଟିଏ ସାଧାରଣ ଘରର ଛୋଟ ଝିଅ, ତମେ–ଆମେ ଯେପରି ଘରେ ଛୋଟ ପିଲା ଦେଖୁ, ସରଳ ନିରୀହ । ସବୁ ପିଲାଙ୍କ ପରି ସେ ଭାରି ସ୍ୱାଭିମାନୀ, ତା'ର ଅଭିମାନ ସିଧା ଯାଇ ପହଁଚେ ଈଶ୍ୱରଙ୍କ ପାଖକୁ । ମନ୍ଦିରର ପୂଜାରୀକୁ ସେ ଛାଡ଼େ ନାହିଁ—ପ୍ରଶ୍ନ ଉପରେ ପ୍ରଶ୍ନ କରେ । ପୂଜାରୀ ପଣ୍ଡିତ, ମାନସାଙ୍କ ପଚାରି ଦିଅନ୍ତି—ସେ ଠାକୁରଙ୍କ ନିଜ ଲୋକ, ପିଲାମାନଙ୍କୁ ତଡ଼ିବା ତାଙ୍କ କାମ । କିନ୍ତୁ ଯେତେବେଳେ ଲକ୍ଷ୍ମୀ ଦେଖେ ପୂଜାରୀ ଶୋଇଛନ୍ତି, ସେ ସିଧା ଠାକୁରଙ୍କ ପାଖକୁ ଯାଇ ନିଜ ମନରେ ଥିବା ଅସଂଖ୍ୟ ପ୍ରଶ୍ନର ସମାଧାନ ଖୋଜିବାକୁ ଚାହେଁ । ପିଲାମନ—ସଂଶୟ ଅନେକ । ସେ ଠାକୁରଙ୍କୁ ନିଜ ଫ୍ରକ୍ ବିଷୟରେ କହେ, ବାପାଙ୍କୁ କିଛି ଟଙ୍କା ମିଳିଯାଉ ବୋଲି ଅନୁରୋଧ କରେ । ପୁଣି ବୁଝାସୁଝା ପିଲା ପରି ବାପା–ମା'ଙ୍କ ଦାରିଦ୍ର୍ୟ ଓ ଅସହାୟତାକୁ ବି ବୁଝେ । ମା'ର ଦୁଃଖକୁ ଅନୁଭବ କରେ । ବାପା ମା ହୋଇ, ନ ଦେଇପାରିବାର ଦୁଃଖ କୋହ କୁ ବୁଝି ନିଏ, ଭାରି ସମ୍ବେଦନଶୀଳ ।

କିନ୍ତୁ ଏହି ନିଷ୍ପାପ ଶିଶୁଟି କଦଳୀ ଖାଇବାକୁ ମନ୍ଦିରରୁ ଚାହିଁବା ବେଳେ ପଣ୍ଡିତଙ୍କ ନିଦ ଭାଙ୍ଗିଯାଏ । ବିଚାରି ଲକ୍ଷ୍ମୀ ଭୟରେ ପାଖ ପୋଖରୀକୁ ଝାପିପଡ଼େ । ନିଷ୍ପାପ ମନ ଉପରେ 'ଚୋରି'ର କଳଙ୍କ ଲାଗିଯାଏ । ପଣ୍ଡିତଙ୍କ ଜ୍ଞାନ ଓ ଅହଂକାରର ଅନ୍ଧାରେ ଗୋଟିଏ କଅଁଳ ହୃଦୟ ନିରବ ହୋଇଯାଏ । ବାପା କାନ୍ଧରେ ଲକ୍ଷ୍ମୀ । ଦୁଇଟି କଦଳୀ ପଣ୍ଡିତଙ୍କ ହାତରେ ଧରେଇ ଦେଇ ବାପା ଲକ୍ଷ୍ମୀକୁ ନେଇ ଚାଲିଯାଆନ୍ତି । ଲକ୍ଷ୍ମୀ ନିରବ—ପାଟିରୁ ଭାଷା ବାହାରେ ନାହିଁ । ତିନି ଦିନ ମଧ୍ୟରେ ପିଲାଟି ଏହି ମାୟା ନିଷ୍ଠୁର ସଂସାର ଛାଡ଼ି ଚାଲିଯାଏ । ପରେ ପରେ, ଦିଅଁଙ୍କୁ ସମସ୍ତେ ପ୍ରଶଂସା କରନ୍ତି—ଦିଅଁ ପ୍ରକୋପ ଦେଖାଇଛନ୍ତି ବୋଲି ଗଦଗଦ ହୋଇପଡନ୍ତି । ମନ୍ଦିର ଟଙ୍କା ଖାଇଥିବା, ଲୁଟ କରିଥିବା ଲୋକ ଭଲେଇ ହେଉଛନ୍ତି, ଭାଷଣ ଦେଉଛନ୍ତି, କଦଳୀ ଚୋରକୁ ଶାସ୍ତି ମିଳିଛି । ସମସ୍ତେ 'ହରିବୋଲ' ଦେଉଛନ୍ତି ।ପଣ୍ଡିତ ଅନୁଭବ କରନ୍ତି ଏକ ଦୀପ୍ତିହୀନ, ଅର୍ଥହୀନ ରୂପ । ନିଜ ଭୁଲ ବୁଝି ପାରନ୍ତି । ପରଜନ୍ମରେ ଜିହ୍ୱାହୀନ ହୋଇ ଜନ୍ମ ଦେବାକୁ ପ୍ରଭୁଙ୍କୁ ଗୁହାରି କରନ୍ତି ।

ଗଳ୍ପଟି ଅତ୍ୟନ୍ତ ମର୍ମସ୍ପର୍ଶୀ । ଜଣେ ସ୍ନେହୀ, ସରଳ ହୃଦୟ ଓ ଶିଶୁପ୍ରେମୀ ମଣିଷ ହିଁ ଏହାର ଗଭୀରତା ବୁଝିପାରିବ । ମନୋଜ ଦାସ ଅତ୍ୟନ୍ତ ସୁକୁମାର ଭାବେ ଦେଖାଇଛନ୍ତି—ସଂସାରର ଏମିତି ସଫା ମନର କଂଅଳ ଶିଶୁ ପରି ନିଷ୍କପଟ, ଛଳହୀନ, ସମ୍ବେଦନଶୀଳ ପ୍ରାଣ କିପରି ଲାଞ୍ଛନାର ଶୀକାର ହୁଅନ୍ତି । ଏହି କାଳଜୟୀ ଗଳ୍ପ ସେଇ ସତ୍ୟକୁ ଦୃଢ଼ ଭାବେ ଉଜାଗର କରେ ।

ତାଙ୍କର ଦ୍ୱିତୀୟ ଗଳ୍ପ ଯାହା ମୋତେ ଅତ୍ୟନ୍ତ ପ୍ରଭାବିତ କରେ, ତାହା **ମଧୁବନର ମେୟର** ।

'ମଧୁବନର ମେୟର' ମନୋଜ ଦାସଙ୍କ ଗଳ୍ପଗୁଡ଼ିକ ମଧ୍ୟରୁ ଗୋଟିଏ ସରଳ ଦେଖାଯାଉଥିବା, କିନ୍ତୁ ଗଭୀର ନୀତିବୋଧ ଥିବା କାହାଣୀ । ଏହି ଗଳ୍ପଟି ମଣିଷର ଅହଂକାର, ଅନ୍ୟର ଅସହାୟତାକୁ ନେଇ ହସିବା ମନୋଭାବ ଓ ସେଇ ହସର ଫଳାଫଳକୁ ଅତ୍ୟନ୍ତ ସହଜ ଭାଷାରେ ଦେଖାଇ ଦେଉଛି ।

ମଧୁବନ ନଗରର ମେୟର ଜଣେ ପ୍ରଭାବଶାଳୀ, ସ୍ୱାଭିମାନୀ ଓ ନିଜ ପଦବୀକୁ ନେଇ ଗର୍ବିତ ମଣିଷ । ଗୋଟିଏ ଦିନ ସଭାରେ ଜଣେ ସଦସ୍ୟ ଅଭିଯୋଗ ଆଣନ୍ତି—ଗୋଟିଏ ଗୋଯାଳା ଗାଈ/ବଳଦ ରାସ୍ତାରେ ଘୁରି ଘୁରି କାଗଜପତ୍ର ଖାଇ ଦେଉଛି, ପରୀକ୍ଷା କାଗଜ ଖାଇଯାଇଛି, ଯାହାରେ ଲୋକଙ୍କ ଅସୁବିଧା ହେଉଛି। ଏହି ଅଭିଯୋଗକୁ ମେୟର ଗମ୍ଭୀରତାରେ ନେବା ପରିବର୍ତ୍ତେ ହସି ଉଡ଼ାଇ ଦିଅନ୍ତି । ସେ ଏହାକୁ ଛୋଟ କଥା ବୋଲି ଭାବନ୍ତି ଓ ଅନ୍ୟର ଅସହାୟତାକୁ ନେଇ ମଜା କରନ୍ତି । ସଭାରେ ହସ ଫୁଟେ, ଅଭିଯୋଗକାରୀ ନିରବ ହୋଇଯାନ୍ତି । କିନ୍ତୁ ଆଗାମୀ ଦିନ ଘଟେ ଗୋଟିଏ ଅପେକ୍ଷାହୀନ ଘଟଣା । ସେଇ ବଳଦଟି ମେୟରଙ୍କ ସହିତ ହିଁ ମୁହଁମୁହିଁ ହୋଇଯାଏ । ବଳଦଟି ତାଙ୍କ ଜାମାକପଡ଼ା ଖାଇଦେଉଛି, ମେୟର ଯେତେବେଳେ ପାଖ ନଦୀକୁ ଯାଇଛନ୍ତି । ମେୟର ନିଜକୁ ରକ୍ଷା କରି ପାରୁନାହାନ୍ତି । ଲୋକଲଜ୍ଜାରେ, ଭୟରେ ଓ ଅସହାୟତାରେ ସେ ଘରକୁ ଫେରି ପାରୁନାହାନ୍ତି, ଗୋଟେ ଛୋଟ ଝିଅ ତାଙ୍କୁ କପଡା ଖଣ୍ଡେ ଦେଇ ତାଙ୍କ ଇଜ୍ଜତ ରକ୍ଷା କରିଛି । ଯେ ଅସୁବିଧାକୁ ସେ ଗତକାଲି ହସି ଉଡ଼ାଇ ଦେଇଥିଲେ, ସେଇ ଅସୁବିଧା ଆଜି ତାଙ୍କ ନିଜ ଜୀବନରେ ସତ୍ୟ ହୋଇ ଉଠିଛି । ଶକ୍ତି, ପଦବୀ, ପ୍ରଭାବ—କିଛି ମଧ୍ୟ ତାଙ୍କୁ ସେ ମୁହୂର୍ତ୍ତରେ ବଞ୍ଚାଇ ପାରିନାହିଁ ।

ଏହି ଗଳ୍ପ ଆମକୁ ଶିଖାଏ—ଅନ୍ୟର ଅସହାୟତାକୁ ନେଇ ହସିବା ମଣିଷର ସବୁଠାରୁ ବଡ଼ ଦୁର୍ବଳତା । ଆଜି ଯାହାକୁ ଆମେ ଛୋଟ ବୋଲି ଭାବୁଛୁ, ସେଇ କଥା ଆସନ୍ତାକାଲି ଆମ ନିଜ ଜୀବନରେ ଘଟିପାରେ । ମନୋଜ ଦାସ ଅତ୍ୟନ୍ତ ସହଜ ଘଟଣା ମାଧ୍ୟମରେ ଗଭୀର ଜୀବନ ସତ୍ୟ କୁହନ୍ତି—ଦୟା ଓ ସମ୍ବେଦନା ନଥିଲେ, ପଦବୀ କେବଳ ଖାଲି ଆଡ଼ମ୍ବର ମାତ୍ର । ତାଙ୍କର ଅନ୍ୟ ଗଳ୍ପ ଯାହା ମୋତେ ଅତ୍ୟନ୍ତ ପ୍ରଭାବିତ କରେ, ତାହା **କିମ୍ଭୀରିଣୀ** ।

'କିମ୍ଭୀରିଣୀ' ମନୋଜ ଦାସଙ୍କ ଏକ ଅଦ୍ଭୁତ ଓ ରହସ୍ୟମୟ ଗଳ୍ପ । ଏଠାରେ ଗ୍ରାମୀଣ ଜୀବନ, ଲୋକକଥା, ଭୟ, ଆସ୍ଥା ଓ ମଣିଷର ଅଦମ୍ୟ ଜୀବନେଚ୍ଛା ଗୋଟିଏ ସୁତାରେ ବାନ୍ଧି ହୋଇ ରହିଛି । ଡାକ୍ତର ବ୍ୟାଟସନ୍ ଆମ ଗାଁକୁ ଆସିଥିଲେ । ସେ ଗ୍ରାମୀଣ ଜୀବନକୁ ନିକଟରୁ ଦେଖିବାକୁ ଆଗ୍ରହୀ ଥିଲେ । ଗାଁର ସରଳ ପରିବେଶ, ଲୋକମାନଙ୍କ ଆଚାର–ବିଚାର ଓ ଲୋକକଥା ତାଙ୍କୁ ଆକର୍ଷିତ କରିଥିଲା । ସେଇ ସମୟରେ ତାଙ୍କୁ ଶୁଣାଯାଏ ଗୋଟିଏ ଅଦ୍ଭୁତ କଥା—କିମ୍ଭୀରିଣୀର କାହାଣୀ ।

କୁହାଯାଏ, ଅନେକ ବର୍ଷ ପୂର୍ବେ ଗୋଟିଏ କମ୍ ବୟସର ଝିଅ ଗାଁ ନଈକୂଳେ କିମ୍ଭୀରର କବଳରେ ପଡ଼ିଥିଲା । ସେ କିମ୍ଭୀର ଝିଅଟିକୁ ମାରିନଥିଲା, ବରଂ ତାକୁ ନିଜ ସଙ୍ଗୀନୀ ଭାବେ ରଖିଥିଲା, ପାଖ ଗଭୀର ଗଣ୍ଡରେ ସେ ରହୁଥିଲେ । ଝିଅଟିକୁ ପାଣି ଭିତରେ ବଞ୍ଚିବା ପାଇଁ ଗୋଟିଏ ମନ୍ତ୍ର ଶିଖାଇଥିଲା, ଯାହାର ସାହାଯ୍ୟରେ ସେ ପାଣି ତଳେ ମଧ୍ୟ ଜୀବନ ଧାରଣ କରିପାରୁଥିଲା । ଦୀର୍ଘ ସମୟ ପରେ, ସେଇ ଝିଅଟି ମନ୍ତ୍ରର ସାହାଯ୍ୟ ନେଇ ପୁଣି ମଣିଷ ଜୀବନକୁ ଫେରି ଆସିଥିଲା । ତା'ର ଇଚ୍ଛା ଥିଲା—ନିଜ ବୃଦ୍ଧ ରୁଗ୍ଣ ବାପା–ମା'ଙ୍କୁ ଆଉଥରେ ଦେଖିବା । ଉପରକୁ ଉଠିଆସି ନଈକୂଳେ କିମ୍ଭୀର ଶିଖାଇଥିବା ମନ୍ତ୍ର ପଢି କିମ୍ଭୀରିଣୀ ପୁଣି ଝିଅ ହେଇଯାଇଥିଲା । ଗାଁକୁ ଫେରିବା ପରେ ସେ ନିଜ ଜୀବନର ସେଇ ଅବିଶ୍ୱସନୀୟ ଅନୁଭବକୁ ଲୋକମାନଙ୍କୁ କହିଥିଲା।

ଏହି ଝିଅ କିମ୍ଭୀରିଣୀ ପ୍ରତି ଗାଁଲୋକଙ୍କର ଗଭୀର ସମ୍ମାନ ଥିଲା । ତା'ର ପ୍ରଭାବରୁ କିମ୍ଭୀରମାନେ ମଧ୍ୟ ଗାଁର କାହାକୁ କ୍ଷତି କରୁନଥିଲେ ବୋଲି ଲୋକମାନେ ବିଶ୍ୱାସ କରୁଥିଲେ । ସମସ୍ତେ ଆସି ବୃଦ୍ଧା ହୋଇପଡ଼ିଥିବା ସେଇ ନାରୀଙ୍କ ମୁଖରୁ କିମ୍ଭୀର ସହିତ ବଞ୍ଚି ଫେରିଆସିବାର କାହାଣୀ ଶୁଣୁଥିଲେ ।ଏହି ଗଳ୍ପ କେବଳ ଭୟ ବା ରହସ୍ୟର କଥା ନୁହେଁ । ଏହା ମଣିଷର ବଞ୍ଚିବା ଶକ୍ତି, ପ୍ରକୃତି ସହ ମଣିଷର ସମ୍ପର୍କ ଓ ଲୋକକଥା ମାଧ୍ୟମରେ ଗଢ଼ି ଉଠିଥିବା ଆସ୍ଥାର ଗଭୀରତାକୁ ଦେଖାଏ । ମନୋଜ ଦାସ

ଏଠାରେ ବାସ୍ତବତା ଓ କିମ୍ବଦନ୍ତୀକୁ ଏମିତି ଭାବେ ମିଶାଇଛନ୍ତି ଯେ, ପାଠକ ଶେଷ ପର୍ଯ୍ୟନ୍ତ ଭାବେ—ଏହା କଥା ନା ସତ୍ୟ? କିନ୍ତୁ ଏହି ଦ୍ୱନ୍ଦ୍ୱ ହିଁ ଗଳ୍ପଟିର ସବୁଠାରୁ ବଡ଼ ସୌନ୍ଦର୍ଯ୍ୟ ।

ଅନ୍ୟ ଗଳ୍ପ ଯାହା ମୋତେ ଅତ୍ୟନ୍ତ ନିଆରା ଲାଗେ, ଓ ଆଜିର ଜୀବନ ଚିତ୍ର କୁ ସଚେତ କରିଯାଏ ତାହା **କନ୍ୟାୟନ** ।

'କନ୍ୟାୟନ' ମନୋଜ ଦାସଙ୍କ ଗଭୀର ଚିନ୍ତାଧାରା ଭରା ଏକ ଗଳ୍ପ, ଯେଉଁଠାରେ ପ୍ରେମ, ସତ୍ତା, ସମାଜିକ ଆକାଂକ୍ଷା ଓ 'ସଂପୂର୍ଣ୍ଣତା' ନାମକ ଭ୍ରମର ନିର୍ମମ ପରିଣାମ ଅତ୍ୟନ୍ତ ସରଳ ଭାବେ ଉଦ୍ଘାଟିତ ହୋଇଛି । ଜଙ୍ଗଲର ଗୋଟିଏ ସାଧାରଣ ପରିବେଶରେ ବଢ଼ିଉଠିଥିବା ଏକ ସାଧାରଣ ଝିଅକୁ ରାଜପୁତ୍ର ଭଲପାଏ ଓ ବିବାହ କରିବାକୁ ଚାହେ । ଏହି ସରଳ ପ୍ରେମକୁ ନେଇ ରାଜାଙ୍କ ମନରେ ଗଭୀର ଅସନ୍ତୋଷ ଜନ୍ମ ନେଇଥାଏ । ରାଜା ଚାହାନ୍ତି—ଝିଅଟି 'ଯୋଗ୍ୟ', 'ସଂପୂର୍ଣ୍ଣ' ଓ ରାଜମହଲ ପାଇଁ ଉପଯୁକ୍ତ ହେଉ ।

ସେଇ 'ସଂପୂର୍ଣ୍ଣତା' ପାଇଁ ଝିଅଟି ପାଖକୁ ଏକ ପରେ ଏକ ଗୁରୁ, ଶିକ୍ଷକ, ଉପଦେଷ୍ଟା ପଠାଯାଆନ୍ତି । ତାକୁ କିପରି ଚାଲିବା, କିପରି କହିବା, କିପରି ହସିବା, କିପରି ବସିବା—ସବୁକିଛି ଶିଖାଯାଏ । ଧୀରେ ଧୀରେ ଝିଅଟିର ସ୍ୱାଭାବିକତା ହରାଇଯାଏ । ସେ ଜଣେ ସଜୀବ ମଣିଷରୁ ଏକ ଯନ୍ତ୍ରସଦୃଶ ପୁତୁଳିରେ ପରିଣତ ହୋଇଯାଏ । ଶେଷରେ ଏମିତି ଅବସ୍ଥା ଆସେ—ଝିଅଟି ନିଜେ ନିଜ ଇଚ୍ଛାରେ କିଛି କରିପାରେ ନାହିଁ । ସେ ଗୋଟିଏ ବଟନ୍ ଦବାଇଲେ ହିଁ ହସେ, କହେ, ଚାଲେ । ଲୋକମାନେ ଭାବନ୍ତି—ଏହାହିଁ 'ସଂପୂର୍ଣ୍ଣ କନ୍ୟା' । କିନ୍ତୁ ପ୍ରକୃତରେ ସେଇ ସଂପୂର୍ଣ୍ଣତାର ନାମରେ ଝିଅଟିର ଜୀବନ, ଭାବ, ଆତ୍ମା—ସବୁକିଛି କାଢ଼ିନିଆଯାଇଛି ।

ବିବାହ ପୂର୍ବରୁ ଯେତେବେଳେ ରାଜପୁତ୍ର ଏହି ସତ୍ୟକୁ ନିକଟରୁ ଦେଖେ, ସେ ଭୟଭୀତ ଓ ଆଘାତପ୍ରାପ୍ତ ହୋଇଯାଏ । ଯେଉଁ ଝିଅକୁ ସେ ଭଲପାଇଥିଲା—ସରଳ, ସଜୀବ, ନିଷ୍କପଟ—ସେ ଆଉ ରହିନାହିଁ । ସେଠାରେ ରହିଛି କେବଳ ଗୋଟିଏ ଜୀବନହୀନ ଆକୃତି । ଏହି ଭୟଙ୍କର ସତ୍ୟ ତାଙ୍କୁ ଏତେ ଆଘାତ ଦେଉଛି ଯେ, ସେ ହୃଦଘାତରେ ପୀଡିତ ହୋଇ ଜୀବନ ହରାଏ।

'କନ୍ୟାୟନ' ଗଳ୍ପଟି ଆମକୁ ଗଭୀର ପ୍ରଶ୍ନ କରେ—ସଂପୂର୍ଣ୍ଣତା କାହାକୁ କୁହାଯାଏ? ଜଣେ ମଣିଷର ସ୍ୱାଭାବିକତା କେଢ଼ି ନେଇ ତାକୁ ଯନ୍ତ୍ର କରିଦେବା କି ସଭ୍ୟତା? ମନୋଜ ଦାସ ଏହି ଗଳ୍ପ ମାଧ୍ୟମରେ ସାବଧାନ କରାନ୍ତି— ସମାଜ ଯଦି 'ସଂପୂର୍ଣ୍ଣତା' ନାମରେ ମଣିଷର ଆତ୍ମାକୁ ଧ୍ୱଂସ କରେ, ସେ ସମାଜ ନିଜେ ମଧ୍ୟ ଜୀବନହୀନ ହୋଇଯାଏ ।

ଏହି ସମସ୍ତ ଗଳ୍ପ ମାଧ୍ୟମରେ ମନୋଜ ଦାସ ଆମକୁ କେବଳ କିଛି ଘଟଣା କୁହୁନାହାନ୍ତି, ସେ ଆମର ମନସିକତାକୁ ଆଇନା ଦେଖାନ୍ତି । ସେ ଆମକୁ ପଚାରନ୍ତି—ଆମେ କେତେ ଦୂର ମାନବିକ? ଧର୍ମ, ପଦବୀ, ଶିକ୍ଷା କିମ୍ବା ସଭ୍ୟତାର ନାମରେ ଯଦି ମଣିଷ ଦୟା ଓ ସମ୍ବେଦନା ହରାଏ, ତେବେ ସେ ସଭ୍ୟତା କେବଳ ଆଡ଼ମ୍ବର ମାତ୍ର । ଶିଶୁର ନିଷ୍ପାପତା, ଅସହାୟର ବେଦନା, ପ୍ରକୃତି ସହ ମଣିଷର ସମ୍ପର୍କ ଓ ସ୍ୱାଭାବିକ ଜୀବନବୋଧ—ଏସବୁ ହିଁ ମଣିଷକୁ ଶ୍ରେଷ୍ଠ କରେ । କିନ୍ତୁ 'ସଂପୂର୍ଣ୍ଣତା' ବା 'ଶ୍ରେଷ୍ଠତା' ନାମରେ ଯଦି ଏହି ମୂଲ୍ୟଗୁଡ଼ିକୁ ଧ୍ୱଂସ କରାଯାଏ, ତେବେ ଜୀବନ ନିର୍ଜୀବ ଯନ୍ତ୍ରରେ ପରିଣତ ହୁଏ । ମନୋଜ ଦାସଙ୍କ ସାହିତ୍ୟ ଆମକୁ ଏହି ସତ୍ୟ ସ୍ମରଣ କରାଏ—ଦୟା, ସରଳତା ଓ ମଣିଷପଣିଆ ହିଁ ସମସ୍ତ ପ୍ରଗତିର ଆତ୍ମା; ସେଗୁଡ଼ିକ ନ ଥିଲେ, ସମାଜ ଆଗକୁ ବଢ଼ିଥିଲେ ବି ଭିତରୁ ଫମ୍ପା ହୋଇଯାଏ ।

# ମହୋଦଧି ରୁ ମହାବିପତ୍ତି

ଉମାଶଙ୍କର ଦାସ

ବୈଜ୍ଞାନିକ ଜାତୀୟ ପାଣିପାଗ ପୂର୍ବାନୁମାନ **କେନ୍ଦ୍ର**

**ଭାରତ ପାଣିପାଗ ବିଭାଗ, ମୌସମ ଭବନ,  ନୂଆଦିଲ୍ଲୀ**

ବିଶାଳ ଉତ୍ତର ଭାରତ ମହୋଦଧିର ଗଭୀର ବକ୍ଷ ମଧ୍ୟରେ ନୀଳ ଆକାଶର ଚାଦର ତଳେ ଭାରତୀୟ ଉପଦ୍ୱୀପର ଭୌଗଳିକ ସ୍ଥିତି ଏବଂ ସୂର୍ଯ୍ୟଙ୍କର ଉତ୍ତରାୟଣ ଗତି ପ୍ରଭାବରେ, ଦକ୍ଷିଣ-ପଶ୍ଚିମ ଦିଗରୁ ଆଷାଢ଼ ରୁ ଆଶ୍ୱିନ ମାସ ମଧ୍ୟରେ ଏକ ପାରମ୍ପରିକ ଶକ୍ତିଶାଳୀ ପ୍ରବାହ ବହୁ ପ୍ରତିକ୍ଷିତ ବୈଶାଖ-ଜ୍ୟେଷ୍ଠ ମାସର ପ୍ରଚଣ୍ଡ ରୌଦ୍ର ତାପର ଅନ୍ତ ଘଟାଇ  ସମଗ୍ର ଜୀବଜଗତକୁ ବର୍ଷା ଜଳର ଶୀତଳତା ରେ ଆଚ୍ଛାଦିତ କରିଥାଏ | ଉତ୍ତର ଭାରତ ମହାସାଗର ର ଭୌଗଳିକ ଅବସ୍ଥିତିର ବିଚିତ୍ରତା ତଥା ପାରମ୍ପରିକ ଏହି ଶକ୍ତିଶାଳୀ ଆରବୀ ଉଦ୍ଧୃତ ଶବ୍ଦ ମୌସୁମୀ ଏହାକୁ ବିଶ୍ୱର ଅନ୍ୟ ମହାସାଗର  ତୁଳନାରେ  ସ୍ୱତଂତ୍ର ଭାବେ ଉପସ୍ଥାପିତ କରେ | ମୌସୁମୀ ଋତୁ ଉଭୟ ସାଗରରେ ସୃଷ୍ଟି ହେଉଥିବା ସାମୁଦ୍ରିକ ଝଡ ପରି ଉଚ୍ଚ-ପ୍ରଭାବୀ ପାଣିପାଗର ବାଧକ ଭାବେ ଭାବେ କାର୍ଯ୍ୟ କରିଥାଏ | ୧୯୭୫ ମସିହାରେ ଆମେରିକାର କୋଲୋରାଡୋ ବିଶ୍ୱବିଦ୍ୟାଳୟର ଗ୍ରେ ନିଜ ବିଶ୍ଳେଷଣରୁ ଆମେରିକୀୟ ପାଣିପାଗ ସଂସ୍ଥାନ ଦ୍ୱାରା ପ୍ରକାଶ ପାଉଥିବା ପତ୍ରିକାରେ ପାଣିପାଗ ସମ୍ବନ୍ଦିୟ ୬ଟି ଉପାଦାନର ବାତ୍ୟା ସୃଷ୍ଟିରେ ଗୁରୁତ୍ୱ ଆବିଷ୍କାର କରିଥିଲେ, ସେଥି  ମଧ୍ୟରେ ୩ ଟି ବାୟୁର ଗତିଶୀଳତା ଉପରେ ପର୍ଯ୍ୟବେସିତ ଥିବାବେଳେ ଅନ୍ୟ ୩ଟି ବାୟୁମଣ୍ଡଳ ତଥା ସମୁଦ୍ର ପୃଷ୍ଠର ଉପରଭାଗରେ ତାପଜ ଶକ୍ତି ସହ ଜଡିତ | ଗତିଶୀଳତା ଉପରେ ପର୍ଯ୍ୟବେସିତ ଉପାଦାନ ଗୁଡିକ ମଧ୍ୟରେ ପୃଥିବୀର ଘୁର୍ନାୟମାନ ଗତି ଯୋଗୁ ସୃଷ୍ଟି ହେଉଥିବା ଛଦ୍ମବଳ, ବାୟୁମଣ୍ଡଳର ତଳ ଭାଗରେ ଘୁର୍ନାୟମାନ ବାୟୁର ଉପସ୍ଥିତି, ବାୟୁମଣ୍ଡଳରେ ଉପର ଏବଂ ତଳ ଭାଗରେ ବାୟୁ ପ୍ରବାହ ମଧ୍ୟରେ ପରିବର୍ତନର ହାର, ସେହି ପରି ଅନ୍ୟ ଉପାଦାନ ଗୁଡିକ ମଧ୍ୟରେ ସମୁଦ୍ର ପୃଷ୍ଠ ଠାରୁ ୬୦ମିଟର ଗଭୀରତା ମଧ୍ୟରେ ଥିବା ତାପଜ ଶକ୍ତିର ପରିମାଣ, ସମୁଦ୍ର ପୃଷ୍ଠରୁ ୪.୫କିମି ଯାଏଁ ପାଣିପାଗ ସୃଷ୍ଟିକାରି ଆଦ୍ରତା ଜନିତ ଅସ୍ଥିରତା  ଏବଂ ବାୟୁମଣ୍ଡଳରେ ମଧ୍ୟଭାଗରେ ଆପେକ୍ଷିକ ଆଦ୍ରତାର ପରିମାଣ | ଏହି ସବୁ ନିୟାମକ ମଧ୍ୟରୁ ମୌସୁମୀ ଋତୁରେ କେବଳ ବାୟୁମଣ୍ଡଳର ତଳ ଭାଗରେ ପଶ୍ଚିମା ବାୟୁ  ଏବଂ ଉପର ଭାଗରେ ପୂର୍ବା ବାୟୁର ଉପସ୍ଥିତିି ଯୋଗୁ  ବାୟୁ ପ୍ରବାହ ମଧ୍ୟରେ ପରିବର୍ତନର ହାର ଅଧିକ ଶକ୍ତିଶାଳୀ ହେଉଥିବାରୁ, ତାହା ସୃଷ୍ଟିହେଉଥିବା ଲଘୁଚାପ ଗୁଡିକୁ ଆହୁରି ଘନୀଭୂତ ହୋଇ ବାତ୍ୟାର ପରିଣତ ହେବାକୁ ବାଧା ଦେବା ସହ ଦୀର୍ଘ  ଅବଧିରେ ଉତ୍ତର ଭାରତର ବାତ୍ୟା ସୃଷ୍ଟିର ସମୟ ସୀମା କୁ ଦୁଇ ଋତୁରେ ଭାଗ କରିଥାଏ, ପ୍ରାକ-ମୌସୁମୀ ବାତ୍ୟା ଋତୁ ଅପ୍ରେଲ ରୁ ଜୁନ ଏବଂ ମୌସୁମୀ-ପରବର୍ତୀ ବାତ୍ୟା ଋତୁ ଅକ୍ଟୋବର ରୁ ନଭେମ୍ବର  |

ଇତିହାସ ର ମାନସ ଦର୍ପଣରୁ  ଉତ୍ତର ଭାରତ ମହାସାଗର ଅଞ୍ଚଳରେ ସର୍ବକାଳୀନ ତୀବ୍ର ଝଡ,  ୧୯୯୯ ମସିହା ଅକଟୋବର ୨୯ ତାରିଖର ମହାବାତ୍ୟାର କରାଳ ରୂପ ଆଜିବି ଓଡିଶା ବାସୀଙ୍କ ମନରେ ଏକ ଭୟର ବାତାବରଣ ସୃଷ୍ଟିକରେ | ସେହିପରି ୧୯୭୦ ମସିହା ନଭେମ୍ବର ୧୩ରେ ପୂର୍ବ ପାକିସ୍ଥାନ, ତଥା ବର୍ତମାନର ବାଂଲାଦେଶ ଉପକୂଳ ଛୁଇଁଥିବା , ବିଶ୍ୱର ସବୁଠାରୁ ଘାତକ ସାମୁଦ୍ରିକ ଝଡ ଦକ୍ଷିଣ କେନ୍ଦ୍ରୀୟ ବଙ୍ଗୋପସାଗର ଅଞ୍ଚଳର ସୃଷ୍ଟି  "ଭୋଲା" ପାଖାପାଖି ପାଞ୍ଚ ଲକ୍ଷ ଲୋକଙ୍କ ମୃତ୍ୟୁର ତାଣ୍ଡବ ରଚିବା ସହ ପାଖାପାଖି  ୧୦ ଲକ୍ଷ ଲୋକଙ୍କୁ  ବେ-ଘର କରିବା ଘଟଣା, ଏହି ଭୟ କୁ ଦ୍ୱିଗୁଣିତ କରେ |

ଯାହାକି ଏହି ବାତ୍ୟା ସୃଷ୍ଟିର  ୫୦ ବର୍ଷ ପୂର୍ତ୍ତି  ପରେ ବି, ବିଶ୍ୱ ପାଣିପାଗ ସଂସ୍ଥାନ ଡବ୍ଲୁ.ଏମ.ଓ ଦ୍ୱାରା ଏହାକୁ ପୃଥିବୀର ଅତ୍ୟନ୍ତ ପ୍ରଭାବୀ ପାଣିପାଗ ଘଟଣା ମଧ୍ୟରେ ସବୁଠାରୁ ଘାତକ ସାମୁଦ୍ରିକ ଝଡ ଭାବେ ଅଭିହିତ କରିଛି |  ମିଳିତ ଜାତିସଂଘ ର ରିପୋର୍ଟ କହୁଛି ୨୦୨୫ ପୂର୍ବରୁ, ୨୦୨୦ ମେ ମାସରେ ପଶ୍ଚିମବଙ୍ଗ ଏବଂ ବଙ୍ଗଳାଦେଶ ଉପକୂଳ ଛୁଇଁଥିବା ଅଃମ୍ପନ ହେଉଛି  ଉତ୍ତର ଭାରତ ମହାସାଗରର ରେକର୍ଡରେ ସବୁଠାରୁ ମହଙ୍ଗା ବାତ୍ୟା, ଏବଂ ରିପୋର୍ଟ ମୁତାବକ ଅଃମ୍ପନ ପ୍ରଭାବରେ, ଭାରତରେ ପ୍ରାୟ ୧୪ବିଲିୟନ ଡ଼ଲାର କ୍ଷୟକ୍ଷତି ଘଟିଛି | ହେଲେ ଚଳିତ ବର୍ଷ  ଡିସେମ୍ବର ୨୦୨୫  ର ସବୁଠାରୁ ମହଙ୍ଗା ବାତ୍ୟା ସେନୟାର ପ୍ରଭାବରେ,  ଦକ୍ଷିଣ ପୂର୍ବ ଏସିଆରେ ପ୍ରାୟ ୧୯ .୮  ବିଲିୟନ ଡଲାର (୧୭ ,୯୬ ,୪୮ ,୫୬ ,୮୦ ,୦୦ ଭାରତୀୟ ଟଙ୍କା) କ୍ଷତି ଘଟାଇଥିଲା। ଏଥି ସହିତ ଇଣ୍ଡୋନେସିଆ, ମାଲେସିଆ ଏବଂ ଥାଇଲାଣ୍ଡ ରେ ଏହି ବାତ୍ୟା ପ୍ରଭାବରେ ପାଖାପାଖି ୧୦୦୦ ରୁ ଅଧିକ ଲୋକଙ୍କ ମୃତ୍ୟୁ ଘଟିଥିବା ବେଳେ ୫୦୦ ରୁ ଅଧିକ ଲୋକ ଏହି ବାତ୍ୟା ପ୍ରଭାବରେ ଘଟିଥିବା ଜଳପ୍ରଳୟ  ପ୍ରଭାବରେ ଏପର୍ଯ୍ୟନ୍ତ ନିଖୋଜ ଅଛନ୍ତି | ସେହିପରି  ଚଳିତ ଡ଼ିସେମ୍ବର ରେ କୋମରିଣ ଏବଂ ଶ୍ରୀଲଙ୍କା ଉପକୂଳରେ ସୃଷ୍ଟି  ଭୀଷଣ ବାତ୍ୟା ଡିଟୱା ପ୍ରଭାବରେ ଶ୍ରୀଲଙ୍କା ରେ ଜଳପ୍ରଳୟ ସହ ୧୦୦୦ ରୁ ଅଧିକ ଲୋକଙ୍କ ର ଜୀବନହାନୀ ଘଟିଛି ଏବଂ ୩୦୦ ଲୋକଙ୍କର ପତ୍ତା ମିଳୁନାହିଁ |ଏହି ସବୁ ତଥ୍ୟରୁ ଏହା ପ୍ରମାଣିତ ହୁଏ ବିଶ୍ୱରେ ସୃଷ୍ଟି ହେଉଥିବା ସାମୁଦ୍ରିକ ବାତ୍ୟା ଗୁଡିକର ଆର୍ଥିକ ପରିଣାମ କେତେ ଭୟଙ୍କର |

ତିନି ଦଶନ୍ଧି ଧରି ପାଣିପାଗ ବିଜ୍ଞାନରେ ବିଶ୍ୱସ୍ତରୀୟ ଗବେଷକ ଏବଂ ବୈଜ୍ଞାନିକ ମାନଙ୍କର ଗବେଷଣା ତଥା ନିକଟ ଅତୀତରେ ସୃଷ୍ଟି ହେଇଥିବା  ସାମୁଦ୍ରିକ ଝଡ,  ପରିସଂଖ୍ୟାନ ଠାରୁ କିଛି ଭିନ୍ନ ତଥ୍ୟ ଦେଉଛି | ବାତ୍ୟା ସୃଷ୍ଟି କରିବାର କେନ୍ଦ୍ରସ୍ଥଳି କୁହାଯାଉଥିବା ବଙ୍ଗୋପସାଗର ତୁଳନାରେ ଆରବ ସାଗର ରେ ବିଗତ ବର୍ଷା ଗୁଡିକରେ ଅଧିକ ବାତ୍ୟା ସୃଷ୍ଟି ହେଉଛି, ତଥା ପ୍ରାକ ମୌସୁମୀ ବାତ୍ୟା ଋତୁରେ ମୌସୁମୀ ପରବର୍ତୀ ଋତୁ ଠାରୁ ଅଧିକ ଶକ୍ତିଶାଳୀ ବାତ୍ୟା ସୃଷ୍ଟି ହେଉଛି | ଆଜିର ଦିନରେ ଶ୍ରେଷ୍ଠ ସାମୁଦ୍ରିକ ଝଡର ଗବେଷକ, ମସାଚୁଏଟସ ପ୍ରୋୟାଗମ୍ଵକ ସଂସ୍ଥାନ ର ପ୍ରଫେସର, କେରି-ଇମାନୁଏଲଙ୍କ ଗବେଷଣା କହୁଛି ପୃଥିବୀର ହାରାହାରି ତାପମାତ୍ରାରେ ବୃଦ୍ଧି ସହ ବିଭିନ୍ନ ମହାସାଗର ରେ  ବାତ୍ୟା ଗୁଡିକରେ ତୀବ୍ରତରେ ବୃଦ୍ଧି ହେବ, ଅର୍ଥାତ ପୂର୍ବା ଅପେକ୍ଷା ବାତ୍ୟା ଗୁଡିକ ଅଧିକ ଶକ୍ତିଶାଳୀ ହୋଇଉଠିବ  || ବିଭିନ୍ନ ଗବେଷଣା ରୁ ଏହା ପ୍ରତି ପାଦିତ ହୋଇଛି କି ବିଗତ ୧୦ ଦଶନ୍ଧି ଧରି ଗ୍ଲୋବାଲ ୱାର୍ମିଙ୍ଗ ପ୍ରଭାବରେ ମହାସାଗର ଗୁଡିକରେ ହାରାହାରି ପୃଷ୍ଠ ତାପମାତ୍ରା  କ୍ରମାଗତ ଭାବେ ବୃଦ୍ଧି ଘଟିଛି, ଏହାର ଜ୍ୱଳନ୍ତ ଉଦାହରଣ ହେଉଛି ପ୍ରଶାନ୍ତ-ମହାସାଗର ଏବଂ ସଂଲଗ୍ନ ଭାରତ ମହାସାଗର  ଅଂଚଳରେ ଥିବା ଉଷ୍ମ-କୁଣ୍ଡ ର କ୍ଷେତ୍ରୀୟ ପରିସୀମା ର ବୃଦ୍ଧି | ସମୁଦ୍ର ଭିତରେ ଉଷ୍ମ-କୁଣ୍ଡ ହେଉଛି ଏକ ଏଭଳି ଅଞ୍ଚଳ ଯେଉଁଠାରେ ବର୍ଷ ସାରା ସମୁଦ୍ର ପୃଷ୍ଠରେ ତାପମାତ୍ରା ୨୭ ଡ଼ିଗ୍ରୀ ରୁ ଅଧିକ ରହିଥାଏ, ଏହା ଫଳରେ ଏହି ଅଞ୍ଚଳରେ ପ୍ରଚୁର ମାତ୍ର ମେଘ ସୃଷ୍ଟି ସହ ବର୍ଷ ମଧ୍ୟ ହୋଇଥାଏ  | ଜଳବାୟୁ ପରିବର୍ତନ ପ୍ରଭାବରେ ପ୍ରଶାନ୍ତ-ମହାସାଗର ଏବଂ ଭାରତ ମହାସାଗର ଅଞ୍ଚଳରେ ଥିବା ଉଷ୍ମ-କୁଣ୍ଡର କ୍ଷେତ୍ରୀୟ ପରିସୀମା  ୨୨ ଲକ୍ଷ  ବର୍ଗ କିଲୋମିଟର (୧୯୦୦-୧୯୮୦) ରୁ ୪୦ ଲକ୍ଷ  ବର୍ଗ କିଲୋମିଟର ଯାଏଁ ବୃଦ୍ଧି ପାଇଛି (୧୯୮୧-୨୦୧୮) ଯାହାକି ଆମେରିକାର ଜାତୀୟ ସାମୁଦ୍ରିକ ଏବଂ ବାୟୁମଣ୍ଡଳୀୟ ସଂସ୍ଥାନ ର ବୈଜ୍ଞାନିକ ଆଲିସନ ସଟେବେନ୍ସ ଙ୍କ ଦ୍ୱାରା ନେଚର ପତ୍ରିକାରେ ପ୍ରକାଶିତ ହୋଇଛି  |ଏବଂ  ଗବେଷଣା କହୁଛି ଏହି ଅଞ୍ଚଳରେ ତାପମାତ୍ରା  ପାଖାପାଖି ୧ ରୁ ୨ ଡ଼ିଗ୍ରୀ ଯାଏଁ ବୃଦ୍ଧି ଘଟିଛି | ଯାହାକି ବର୍ତମାନ ସମୟରେ ଉଭୟ ବଙ୍ଗୋପସାଗର ଏବଂ ଆରବ ସାଗର ଅଞ୍ଚଳରେ ପ୍ରାକ-ମୌସୁମୀ ଋତୁରେ ବାଧକ-ସ୍ତର ର ବିନା ଉପସ୍ଥିତିରେ ମଧ୍ୟ   ଶକ୍ତିଶାଳୀ ବାତ୍ୟା ସୃଷ୍ଟି ହେବାର ଏକ ମୁଖ୍ୟ ଉତ୍ସ ଭାବେ ଛିଡା ହୋଇଛି |  ତା ସହିତ ସମୁଦ୍ର ପୃଷ୍ଠ ଠାରୁ ୬୦ ମିଟର ଗଭୀରତା ମଧ୍ୟରେ ତାପଜ-ଶକ୍ତିର ବୃଦ୍ଧି ଶକ୍ତିଶାଳୀ ସାମୁଦ୍ରିକ ଝଡ ସୃଷ୍ଟି ପାଇଁ କ୍ରମାଗତ ଭାବେ  ଅନୁକୂଳ ପରିବେଶ ସୃଷ୍ଟି କରୁଛି | ଯାହାକି ଉତ୍ତର ଭାରତ ମହାସାଗର ର ଦୁଇ ସାଗରରେ

ଗ୍ଲୋବାଲ ୱାର୍ମିଙ୍ଗ ପ୍ରଭାବରେ  ସାମୁଦ୍ରିକ ପୃଷ୍ଠର ତାପମାତ୍ରା ବୃଦ୍ଧି ଯୋଗୁ ବାୟୁମଣ୍ଡଳ ମଧ୍ୟକୁ ଅଧିକ ଜଳ ବାଷ୍ପୀତ ହେବା ଏବଂ ତା ସହିତ ବାୟୁମଣ୍ଡଳୀୟ ତାପମାତ୍ରା  ବୃଦ୍ଧି, ଏହି ବାଷ୍ପୀଭୂତ ଜଳ ଧାରଣର କ୍ଷମତାକୁ  ବୃଦ୍ଧି କରିବା, ଶକ୍ତିଶାଳୀ ସାମୁଦ୍ରିକ ଝଡ ସୃଷ୍ଟି ପାଇଁ ବଳ ଯୋଗାଉଛି  |

ମହାସାଗର ଗୁଡିକରେ ସୃଷ୍ଟିହେଉଥିବା ସାମୁଦ୍ରିକ ଝଡର ପରିସଂଖ୍ୟାନ ରୁ ଦେଖା ଯାଇଛି ଯେ ବାର୍ଷିକ ସୃଷ୍ଟି ହେଉଥିବା ହାରାହାରି ୮୦ ଟି ସାମୁଦ୍ରିକ ଝଡ ମଧ୍ୟରୁ ଉତ୍ତର ଭାରତ ମହାସାଗରରେ କେବଳ ୫ରୁ ୬% ( ହାରାହାରି ୫ରୁ-୬ଟି) ପ୍ରତିଶତ ବାତ୍ୟା ସୃଷ୍ଟି ହୋଇଥାଏ | ଏଥି ମଧ୍ୟରୁ ବଙ୍ଗୋପସାଗର ରେ ବାର୍ଷିକ ୪ ଟି ବାତ୍ୟା ସୃଷ୍ଟିହେଇଥିବା ବେଳେ ଆରବସାଗର ଅଞ୍ଚଳରେ ମାତ୍ର ଗୋଟିଏ ବାତ୍ୟା ସୃଷ୍ଟି ହେଇଥାଏ | ୨ପ୍ରକାର ମୌସୁମୀ ବାୟୁ ଦ୍ୱାରା ପ୍ରଭବିତ ଉତ୍ତର ଭାରତ ମହାସାଗରରେ ଦୁଇ ବାତ୍ୟା-ଋତୁରେ ପରିସଂଖ୍ୟାନ ର ବାରାମ୍ବାରତା ଅନୁସାରେ, ସୃଷ୍ଟି ହେଉଥିବା ୫ଟି ବାତ୍ୟା ମଧ୍ୟରୁ ପ୍ରାକ-ମୌସୁମୀ ଋତୁରେ ହାରାହାରି ଗୋଟିଏ ବାତ୍ୟା ସୃଷ୍ଟି ହେଉଥିବା ବେଳେ, ମୌସୁମୀ-ପରବର୍ତୀ ବାତ୍ୟା ଋତୁରେ ହାରାହାରି ୪ଟି ବାତ୍ୟା ସୃଷ୍ଟିହୋଇଥାଏ | ଏହାର ମୁଖ୍ୟ କାରଣ ଗୁଡିକ ମଧ୍ୟରୁ ବାତ୍ୟା-ପ୍ରବଣ  ବଙ୍ଗୋପସାଗର ରେ ମଧୁର ଜଳର ଉପସ୍ଥିତି, ଯାହାକି ମୌସୁମୀ ଋତୁରେ ଅଧିକ ବର୍ଷା (ଲଘୁଚାପ, ଅବପାତ ଏବଂ ଗଭୀର ଅବପାତ ମାଧ୍ୟମରେ ) ଏବଂ ନଦୀଗୁଡିକରୁ ଆସୁଥିବା ମଧୁର ତଥା କମ ଓଜନ ବିଶିଷ୍ଟ ଜଳ, ଲବଣ ଯୁକ୍ତ ଭାରି ସମୁଦ୍ର ଜଳ ଉପରେ ଏକ ବାଧକ ସ୍ତର ସୃଷ୍ଟି କରିଥାଏ |ଏହି ମଧୁର ଜଳର ସ୍ତର ସୂର୍ଯ୍ୟଙ୍କର ସିଧାସଳଖ କିରଣ ଦ୍ୱାରା ପ୍ରଭାବିତ ହେଉଥିବା ବେଳେ, ଏହା ମଧ୍ୟ ଦେଇ ସୂର୍ଯ୍ୟ କିରଣ, ଲବଣାକ୍ତ ଜଳ ତୁଳନାରେ ଅଧିକ ଗଭୀର ମଧ୍ୟ କୁ ପ୍ରବେଶ କରିଥାଏ ଏବଂ ଏହାର ଉପସ୍ଥିତି   ସମୁଦ୍ରରେ ଅଳ୍ପ କିଛି ଗଭୀରତା ଯାଏଁ ତାପମାତ୍ରା ବୃଦ୍ଧି ସହାୟକ ହୋଇଥାଏ | ପୃଥିବୀର ଘୂର୍ଣ୍ଣନ ଯୋଗୁ ସୃଷ୍ଟି  ଛଦ୍ମ ବଳ କୋରିଓଲିସ ପ୍ରଭାବରେ ବାତ୍ୟା ଗୁଟିକା ସାଧାରଣତଃ ଉତ୍ତର-ପଶ୍ଚିମ ଦିଗରେ ଗତିକରିଥାଏ | ଆଭ୍ୟନ୍ତରୀଣ ତରଙ୍ଗ ପ୍ରଭାବରେ ମୌସୁମୀ ପରବର୍ତୀ ଋତୁରେ ଆଣ୍ଡାମାନ ସାଗର ଅଂଚଳରେ ତାପମାତ୍ରା ୧.୫ ରୁ ୨ ଡ଼ିଗ୍ରୀ ଯାଏଁ ଅଧିକରହିବ ସହ ପ୍ରଶାନ୍ତ ମହାସାଗର ଅଂଚଳରୁ ପଶିଆସୁଥିବା ବାତ୍ୟା ଗୁଡିକର ଅଂଶ ବିଶେଷ ଏହି ଅଂଚଳ ରେ ଉପଯୁକ୍ତ ପାରିପାର୍ଶିକ ଅବସ୍ଥାରେ ବାତ୍ୟା ରେ ରୂପ ନେବା ସହ , ଉତ୍ତର-ପଶ୍ଚିମ ଗତି ଏହାକୁ ଓଡିଶା ମୁହଁ କରାଇଥାଏ | ୟୁରୋପୀୟ ତଥା , ଆମେରିକା, ଅଷ୍ଟ୍ରେଲିଆ ସାଂଖ୍ୟିକ ଆକଳନ କାରି ମଡେଲ ନିକଟ ଅତୀତରେ ଫନି, ତାଉ-ତେ, ଅମ୍ଫନ, ଓଖୀ , ତଥା ତିତଲୀ ପରି ଶକ୍ତିଶାଳୀ ବାତ୍ୟା,  ଜଳବାୟୁ ସଙ୍କଟ ପ୍ରଭାବରେ  କମ ସମୟ ମଧ୍ୟରେ ଶକ୍ତିଶାଳୀ ହୋଇପଡିବା ଏବଂ ତୀବ୍ରତା ୬ ଘଣ୍ଟା ପୂର୍ବରୁ ଆକଳନ ନକରିପାରିବ ଭାରତ ପରି ଏକ  ୫୪୨୧.୬  କିମି ବିଶିଷ୍ଟ ଉପକୂଳବର୍ତ୍ତୀ ଅଂଚଳ ପର୍ଯ୍ୟବେସିତ ଦେଶ ପାଇଁ ଏହା ଏକ ବଡ ବିପଦ |  ଜଳବାୟୁ ସଙ୍କଟ  ତଥା  ଗ୍ଲୋବାଲ ୱାର୍ମିଙ୍ଗ ପ୍ରଭାବରେ  ବାତ୍ୟା ପରିସଂଖ୍ୟାନ ରେ ପରିବର୍ତନ ତଥା ବଙ୍ଗୋପସାଗରର ବାରାମ୍ବାରତାରେ ବୃଦ୍ଧି ଏବଂ ସୃଷ୍ଟି ବାତ୍ୟା ଗୁଡିକର ଉତ୍ତର-ପଶ୍ଚିମ ଦିଗରେ ଗତି, ତଥା  ପୂର୍ବଉପକୂଳର ରେ ଅନ୍ୟ ରାଜ୍ୟ ତୁଳନାରେ ରାଜ୍ୟର ୪୮୦ କିଲୋମିଟର ଲମ୍ବର ଉପକୂଳବର୍ତ୍ତୀ ଅଞ୍ଚଳକୁ କୁ ଅଧିକ ଅସୁରକ୍ଷିତ କରୁଛି |

# ବସନ୍ତ ହଜିଛି ...........

# ବିଶ୍ୱ ତାପନ ବୃଦ୍ଧି ଓ ଜଳବାୟୁ ପରିବର୍ତ୍ତନ

ଡଃ ଶିବ ଶଙ୍କର ସାହୁ
ରେଭେନ୍ସା ବିଶ୍ୱବିଦ୍ୟାଳୟ

ଅସମ୍ଭାଳ ଝାଂଜି , ପାରଦ ୪୫ ରେ ପହଂଚିଲାଣି ସକାଳ ୪ ରେ ବାଘୁଆ ଖରା I ଗତ ଏପ୍ରିଲ ୨୧ ରେ ପୃଥିବୀର ର ଇ ସର୍ବାଧିକ ଉତପ୍ତ ସହର ମିଆଁମାର ର ଛଉକ (୪୬.୬ ଡିଗ୍ରୀ ) ଓ ଓଡିଶାର ବାରିପଦା (୪୫.୨) ୫ମ ସ୍ଥାନ ରେ ଅଛି I ଦୈନିକ ବିଶ୍ୱ ଉତ୍ତାପ ରିପୋର୍ଟ ଦେଉଥିବା ଓ ଜି ଏ ମ ପାଣିପାଗ ସଂସ୍ଥା ଅନୁସାରେ ଏସିଆର ୧୦ ଟି ଉତପ୍ତ ସହର ମଧ୍ୟରୁ ୭ ଟି ଭାରତରୁ , ୨ ଟି ମିଆଁମାରରୁ ଓ ଗୋଟିଏ ନେପାଳରୁ ଅଛି I ଆଇ ପି ସି ସି " ଜଳବାୟୁ ପରିବର୍ତନ ରିପୋର୍ଟ ୨୦୨୩ " ସ୍ପଷ୍ଟ ରୂପେ ଇଙ୍ଗିତ କରୁଛି ଆମେ ଭୁଲ ଦିଗରେ ଗତି କରୁଛୁ I ବର୍ତମାନ ସଂଗଠିତ ହୋଉଥିବା ଜଳବାୟୁ ବିପର୍ଯ୍ୟୟ ଓ ବିଶ୍ୱତାପନର ଅଭିବୃଦ୍ଧି ଯେ ସମ୍ପୂର୍ଣ ମନୁଷ୍ୟକୃତ ଏହା ନିଃସନ୍ଦେହ ଯାହାକି ଏକ କଠୋର ପ୍ରାକୃତିକ ପ୍ରକ୍ରିୟାର ବ୍ୟତିକ୍ରମ I ପରିବର୍ତନ ହେଉଛି ପ୍ରକୃତିର ନିୟମ କିନ୍ତୁ ମଣିଷର ହସ୍ତକ୍ଷେପରେ ବଳପୂର୍ବକ ଜଳବାୟୁ ପରିବର୍ତନ, ଋତୁଚକ୍ର ଓ ଜଳଚକ୍ରର ବ୍ୟତିକ୍ରମ ଓ ପରିବେଶ ତଥା ପରିସଂସ୍ଥାନର ପରିବର୍ତନ ଚିନ୍ତାର କାରଣ ହୋଇଛିI

ଗ୍ରୀଷ୍ମ ପ୍ରବାହ ଏକ ପାଣିପାଗ ପ୍ରକ୍ରିୟା ଯେଉଁଥିରେ ବାୟୁମଣ୍ଡଳୀୟ ତାପମାତ୍ରା ସ୍ୱାଭାବିକ ତାପମାତ୍ରା ଠାରୁ ୪.୫ ଡିଗ୍ରୀ ଅଧିକ ତଥା ସମତାଳରେ ୪୦ ଡିଗ୍ରୀରୁ ଅଧିକ, ପାହାଡିଆରେ 30 ଡିଗ୍ରୀ ଓ ସମୁଦ୍ର ଉପକୂଳରେ ୩୫ ଡିଗ୍ରୀରୁ ଅଧିକ ଅନୁଭୂତ ହୁଏ I ଆମ ଦେଶରେ ପ୍ରାୟ ମାର୍ଚ୍ଚରୁ ଜୁନ ଯାଏ ଗ୍ରୀଷ୍ମ ପ୍ରବାହ ହୁଏ I ୧୯୭୦ ଦଶକରେ ବାର୍ଷିକ ହାରାହାରି ୪ ରୁ ୫ ଦିନ ଗ୍ରୀଷ୍ମ ପ୍ରବାହ ହଉଥିଲା I ବର୍ତମାନ କିନ୍ତୁ ଏହି ସଂଖ୍ୟା ୧୧ ରେ ପହଂଚିଲାଣି I ଚଳିତ ବର୍ଷ ୨୦୨୩ ରେ ୨୨ ଦିନ ହୋଇଥିଲା ଯାହାକି ଆଜି ପର୍ଯ୍ୟନ୍ତ ବିଶ୍ୱର ସବୁଠାରୁ ଉତପ୍ତ ବର୍ଷ ରୂପେ ପରିଗଣିତ ହୋଇଥିଲା I ପରିବର୍ତନ ପ୍ରକୃତିର ଏକ ଚିରାଚରିତ ପ୍ରଥା କିନ୍ତୁ ଏହା ମନୁଷ୍ୟକୃତ ହୋଇ ଜଳବାୟୁ ଓ ପରିସଂସ୍ଥାନ ପରିବର୍ତନ ହେଲେ ଅତ୍ୟନ୍ତ ଚିନ୍ତାଜନକ ଓ ଧ୍ୱଂସକାରୀ ହୋଇଯାଏ I ଆଜି ମଣିଷ ପ୍ରକୃତିକୁ ନିଜ ଅକ୍ତିଆରକୁ ଆଣିବାକୁ ଚେଷ୍ଟା କରୁଛି ଓ ବ୍ୟକ୍ତି ସ୍ୱାର୍ଥ ପାଇଁ ଅମାନିଆ ବ୍ୟବହାର କରୁଛି I ପାଣିପାଗ ବିଜ୍ଞାନୀ ଉମାଶଙ୍କରଙ୍କ ମତରେ "ବସନ୍ତ ଋତୁ ହଜିଯାଇଛି ଆଉ ତାର କୋମଳତା ନାହିଁ" ଫେବୃଆରୀ ଶେଷବେଳକୁ ପ୍ରଖର ଗ୍ରୀଷ୍ମତାପ ଅନୁଭୂତ ହୋଉଛି I ଏବେ ବସନ୍ତ ସମୟପୂର୍ବରୁ ଆସୁଛି ଓ ଶୀତର ଅବଧି କମୁଛି ଯାହାକି ବରଫ ସୃଷ୍ଟିପାଇଁ ଆବଶ୍ୟକୀୟ ତାପମାତ୍ରା ଦିନ ହ୍ରାସ ପାଉଛି I ମାନଚିତ୍ରରେ ବସନ୍ତର ବିଲୁପ୍ତକରଣ ବିଶ୍ୱତାପନର ଏକ ସୂଚକ ହୋଇପାରେ I

ଆମେରିକାରେ ଅଧିଷ୍ଠିତ ପ୍ରବାସୀ ଓଡ଼ିଆ କବି ଗଗନ ପାଣିଗ୍ରାହୀଙ୍କ ପରିବେଶ କବିତା "ନିଦାଘ "ରେ ଲେଖିଛନ୍ତି

ବିଷମ ଗ୍ରୀସମ ଆସି ହେଲା ଉପଗତ
ତପତ ତପନ ତାପ ଅନେକ ପ୍ରାୟ

ସଲିଳ ବିହୁନେ ହୁଏ ଧରଣୀ ତୃଷାର୍ତ୍ତ
ଧୂଳି ଧୂସରିତ ବର୍ଣ ହୀନ ଶୁଷ୍କମୟ

ରୁକ୍ଷ ସୌର ତାପ ବେଳେ ଉଦ୍ୟାନ କାନନ
ସର ସରୋବର ନିର ହୋଇଯାଏ କ୍ଷୀଣ

ନିର୍ଜଳା ତଟିନୀ ତପ୍ତବାଲୁକା ରାଶିରେ
ଝାଳ ମଲାକରି ମରୁ-ମରୀଚିକା ଖେଳେ

ହାଲିଆ ପଥିକ ଥକା ମାରିବା ଆଶାରେ
ଆଶ୍ରୟ ଖୋଜନ୍ତି ଘଂଚ ତରୁବଲ ତଳେ

ସକଳେ ବିକଳ ହୋଇ ଗୀଶମ ତାପରେ
ଆଷାଢର ବାରିଧିକୁ ଅନାନ୍ତି ଆତୁରେ

ଗ୍ରୀଷ୍ମପ୍ରବହର ପ୍ରଭାବ ସୁଦୂରପ୍ରସାରୀ ଅଟେ । ଏହା ମନୁଷ୍ୟ ତଥା ପରିସଂସ୍ଥାକୁ ବିଭିନ୍ନ ଭାବରେ ପ୍ରଭାବିତ କରିଥାଏ । ଉଚ୍ଚ ତାପମାତ୍ରା ଆମ ଶରୀର ନିମନ୍ତେ ଅତ୍ୟନ୍ତ ହାନିକାରକ ଅଟେ, ଯାହା ବେଳେବେଳେ ଅଂଶୁଘାତଭଳି ମାରାତ୍ମକ ରୂପ ନେଇଥାଏ ।୨୦୧୦ ମସିହାର ସାଙ୍ଘାତିକ ଗ୍ରୀଷ୍ମପ୍ରବାହ ଯୋଗୁଁ ଅହମଦାବାଦରେ ପ୍ରାୟ ୮୦୦ରୁ ଉର୍ଦ୍ଧ ଲୋକ ଜୀବନ ହରାଇଥିଲେ । ସେହିପରି ୨୦୧୫-୧୬ ମସିହାରେ ଅତ୍ୟଧିକ ଗ୍ରୀଷ୍ମପ୍ରବାହ ଯୋଗୁଁ ଆନ୍ଧ୍ରପ୍ରଦେଶ ଓ ଓଡିଶା ସମେତ ତେଲେଙ୍ଗାନାର ପ୍ରାୟ ୨୪୫୬ ଜଣ ଜୀବନ ହରାଇ ଥିଲେ । ସେହିପରି ୧୯୯୮ ରୁ ୨୦୧୬ ମସିହା ମଧ୍ୟରେ ଗ୍ରୀଷ୍ମପ୍ରବାହ ଯୋଗୁଁ ଓଡିଶାରୁ ପ୍ରାୟ ୩୧୭୭ ଜଣ ଜୀବନ ହରେଇଛନ୍ତି ଯାହାକି ଜାତୀୟ ବିପର୍ଯ୍ୟୟ ପରିଚାଳନା ସଂସ୍ଥା ଏକ ରିପୋର୍ଟ ରେ ପ୍ରଦତ୍ତ I ଇଉନିସେଫର ଆକଳନ ଅନୁଯାୟୀ ୨୦୫୦ ସୁଦ୍ଧା ପୃଥିବୀର ପ୍ରାୟ ୨.୨ ବିଲିୟନ ଶିଶୁ ଗ୍ରୀଷ୍ମପ୍ରବାହ ଯୋଗୁଁ ପ୍ରଭାବିତ ହେବେ । ଉଚ୍ଚ ତାପମାତ୍ରା କେବଳ ସ୍ୱାସ୍ଥ୍ୟହିଁ ନୁହଁ ବରଂ ମନୁଷ୍ୟର ଉତ୍ପାଦକତା ଶକ୍ତିକୁ ମଧ ହ୍ରାସ କରିଥାଏ, ଯାହା ଅର୍ଥନୈତିକ କ୍ଷତିର କାରଣ ହୋଇଥାଏ । ଉଚ୍ଚ ତାପମାତ୍ରା ଯୋଗୁଁ କୃଷିକାର୍ଯ୍ୟ ବାଧାପ୍ରାପ୍ତ ହୋଇଥାଏ ଏବଂ ଏହା ଖାଦ୍ୟ ନିରାପତ୍ତାକୁ ପ୍ରଭାବିତ କରେ ।

ଅନେକ ବୈଜ୍ଞାନିକଙ୍କ ମତରେ ଏବେ ପୃଥିବୀର ଇତିହାସ ମଣିଷର ପ୍ରଭାବର ମାପଯନ୍ତ୍ର ଓ ଏହାକୁ ନୂତନ ଭୌତିକଯୁଗ ତଥା (ଆନଥ୍ରୋପୋସିନି) କୁହାଯାଉଛି I କିଛି ଯୁକ୍ତି ବାଢ଼ନ୍ତି କୃଷିର ଉଦ୍ଭାବନ ପରେ ତଥା ଧାନ ଶଷ୍ୟ ଜଳଯୋଗାଣ ଓ ଜଙ୍ଗଲକ୍ଷୟ

ଅଙ୍ଗାରକାମ୍ଳ ଓ ମିଥେନ ଗ୍ୟାସ କୁ ବୃଦ୍ଧି ହେଲା I ସେଇଠୁ ଆରମ୍ଭ ନୂଆ ଭୌତିକ ଯୁଗ ଯାହାକି ୮୦୦୦ ବର୍ଷପୂର୍ବରୁ ହଲୋସିନ ଯୁଗ (୮୦୦୦ - ୧୨୦୦୦) ପରେ ଆସିଲା I ୧୮୦୦ ଦଶକର ଶିଳ୍ପବିପ୍ଲବଠାରୁ ମାନବ ଓ ପରିବେଶ ସମ୍ପର୍କର ତିକ୍ତତା ଆଖିଦୁଷିଆ ପରିଲକ୍ଷିତ ହେଲା I ସେବେଠାରୁ ମାନବ ସମାଜର କାର୍ଯ୍ୟକଳାପ ପରିବେଶ ଉପରେ ନକାରାତ୍ମକ ହୋଇଆସିଛି ଓ ଜଳବାୟୁ ପରିବର୍ତନକୁ ତ୍ୱରାନ୍ୱିତ କରିଆସୁଛି I ଶିଳ୍ପ ବିପ୍ଳବ ପରଠୁ ଜୀବାଶ୍ମ ଇନ୍ଧନର ବହୁଳ ବ୍ୟବହାର ତତସହିତ ନବୀକରଣ ଯୋଗ୍ୟ ହଉନଥିବା ଖଣିଜ ପଦାର୍ଥ ଓ ଶକ୍ତିର ନିଷ୍କାସନ ହାରାହାରି ତାପମାତ୍ରା ବଢ଼ାଉଛି. ୧୯୪୦ ପରର ପରମାଣୁଯୁଗ ଓ ୧୯୭୦ ପରର ବିଶ୍ୱ ଜଗତୀକରଣ ପ୍ରକ୍ରିୟା ବିଶ୍ୱତାପନ ବୃଦ୍ଧିକୁ ଆହୁରି କ୍ଷିପ୍ରତର କରିଛି I

ବିଶିଷ୍ଟ ଭୁଗୋଳବିତ ଜଷ୍ଟିନ ମାଙ୍କିନ "ଦି ଇକୋନୋମିକ ଟାଇମ" ର ୨୦ ଏପ୍ରିଲ ୨୦୨୪ ଏକ ସାକ୍ଷାତକାରରେ କହିଛନ୍ତି ଧନୀକ ଦେଶମାନେ ଅଙ୍ଗାରକାମ୍ଳ ଓ ମିଥେନ ବୃଦ୍ଧିର ସିଂହଭାଗ ପରିବେଶକୁ ଛାଡ଼ିଥାନ୍ତି କିନ୍ତୁ ଭୌଗଳିକ ଓ ଅର୍ଥନୈତିକ ଅବସ୍ଥିତି ଦୃଷ୍ଟିରୁ ବିଶ୍ୱତାପମାନ ବୃଦ୍ଧିରୁ କ୍ଷତି ହଉଥିବା ବାର୍ଷିକ ଜାତୀୟ ଆୟ ସମୁଦାୟର ମାତ୍ର ୩.୫ ପ୍ରତିଶତ ବିକଶିତ ଓ ଅନୁନ୍ନତ ଦେଶମାନଙ୍କରେ ଏହାର କ୍ଷୟ ୮ ପ୍ରତିଶତରୁ ଅଧିକ I ଏମାନେ ଧନୀ ରାଷ୍ଟ୍ରର ଅଢେଇ ଗୁଣା କ୍ଷତିଭରଣା କରିଥାନ୍ତି I ଭୌଗଳିକ ଅବସ୍ଥିତି (ବିଷୁବ ଓ କର୍କରେଖା ପାଖ ପାଖି) ବିଶ୍ୱତାପନ ପ୍ରଭାବକୁ ଆହୁରି ତୀବ୍ର ଓ ଅସହ୍ୟ କରେ I ଜଳବାୟୁ ପରିବର୍ତନର ବର୍ତମାନ ଗତିପଥ ବିନାଶକାରୀ ଏଥିରେ ଦ୍ୱିମତ ନାହିଁ I କିନ୍ତୁ "ଆମେରିକୀୟ ମନରେ ଜୟବାୟୁ ପରିବର୍ତନ" ଶୀର୍ଷକ ଏକ ସନ୍ଦର୍ପ କହୁଛି ୪୦ ପ୍ରତିଶତ ଆମେରିକୀୟ ସମ୍ପ୍ରତି ତୀବ୍ର ଜଳବାୟୁ ପରିବର୍ତନ ଯେ ମନୁଷ୍ୟକୃତ ଏବେବି ମାନିବାକୁ ନାରାଜ I

ପୃଥିବୀର ତୃତୀୟ ମେରୁ କୁହାଯାଉଥିବା ହିମାଳୟ ପର୍ବତମାଳାର ବିଶ୍ୱ ଜଳବାୟୁରେ ପରିବର୍ତ୍ତନ ଯୋଗୁଁ ଏହାର ପ୍ରାକୃତିକ ତଥା ସାମାଜିକ ବୈଶିଷ୍ଟ୍ୟଗୁଡିକୁ ହରେଇବସିଛି । ବିଭିନ୍ନ ଅନୁସନ୍ଧାନଗୁଡିକ ଏହା ସ୍ପଷ୍ଟ କରିଛନ୍ତି ଯେ ହିମାଳୟର ବରଫଗୁଡିକ ଶିଳ୍ପବିପ୍ଳବ ପରଠାରୁ ତୀବ୍ର ଗତିରେ ତରଳିବାରେ ଲାଗିଛି । ଇସ୍ରୋର ଆକଳନ ଆନୁଯାୟୀ ବିଗତ ୧୯୮୪ ମସିହା ପରଠାରୁ ହିମାଳୟରେ ହିମବାହ ହ୍ରଦ ସଂଖ୍ୟା ପ୍ରାୟ ୨୭%ରୁ ଅଧିକ ବଢିଯାଇଛି ଏବଂ ୧୩୦ଟି ହିମବାହ ହ୍ରଦ କେବଳ ଭାରତରେ ଅବସ୍ଥିତ । ସେଥିମଧ୍ୟରୁ ୬୫ଟି ସିନ୍ଧୁ ନଦୀ, ୭ଟି ଗଙ୍ଗା ନଦୀ ଓ ୫୮ଟି ବ୍ରହ୍ମପୁତ୍ର ନଦୀ ଅବବାହିକରେ ଅବସ୍ଥିତ। ଏହି ହ୍ରଦଗୁଡିକ ହିମାଳୟରେ ପ୍ରବାହିତ ନଦୀଗୁଡିକ ପାଇଁ ମଧୁର ଜଳର ଉତ୍ସ ହେଇଥିଲେ ମଧ ଅତ୍ୟଧିକ ବୃଷ୍ଟିପାତ ତଥା ଭୂସ୍ଖଳନ ଯୋଗୁଁ ଏହା ହିମବାହ ହ୍ରଦ ସ୍ଖଳନ ଜନିତ ବନ୍ୟାର ରୂପ ନେଇଥାଏ । ଏଥିପାଇଁ ନଦୀର ନିମ୍ନ ଅଞ୍ଚଳରେ ଲୋକମାନଙ୍କ ଧନ ଜୀବନ ନଷ୍ଟ ହୋଇଥାଏ । ଇସ୍ରୋ ର (୧୯୮୯ - ୨୦୨୨) ବର୍ଷର ଦୀର୍ଘମିଆଦୀ ଅନୁସନ୍ଧାନ କହୁଛି ହିମାଚଳର ଘେପନା ଘାଟ ୩୩ ବର୍ଷ ମଧରେ ୩ ଗୁଣ ବିସ୍ତାର ହୋଇଛି (୩୪.୪ ହେକ୍ଟର ରୁ ୧୦୨ ହେକ୍ଟର ). ଏହା ବର୍ଷକୁ ୨ ହେକ୍ଟର ଗତିରେ ବିସ୍ତାରିତ ହଉଛି ଯାହାକି ଅତ୍ୟନ୍ତ ବିପଦସଂଙ୍କୁଳ ଅଟେ I.

ଆଗାମୀ ଭବିଷ୍ୟତର ମାନବ -ପରିବେଶ ସମ୍ପର୍କକୁ ନୂଆରୂପ ଦେବାକୁ ହେଲେ ଆଜି ଆମ ଆଗରେ କିଛି ଗୁରୁତ୍ୱପୂର୍ଣ ପ୍ରଶ୍ନର ଉତ୍ତର ଦେବାକୁ ପଡିବ

୧. ପରିଓବେଶ ସମ୍ବନ୍ଧୀୟ ଗୁରୁତ୍ୱପୂର୍ଣ ନିଷ୍ପତି କାହାର ଦାୟିତ୍ୱ ?

୨. ଆମେ ପରିବେଶକୁନେଇ ଅନ୍ତର୍ଜାତୀୟ ସାମାଜିକ ସୁରକ୍ଷାର ଆକୃତି କେମିତି ଦେବା ?

୩. ବିଶ୍ୱସ୍ତରୀୟ ପରିବେଶ ପରିବର୍ତନସହ ସାଂସ୍କୃତିକ ବିବିଧତାକୁ କେମିତି ଖାପ ଖୁଆଇବା ?

୪. ଦୀର୍ଘସ୍ଥାୟୀ ପରିବର୍ତନ (ଧାରନିୟ ବିକାଶ ଆଡକୁ ) ଅଗ୍ରସରପାଇଁ ସ୍ୱଳ୍ପମିଆଦୀ ସ୍ତରରେ ଆମେ କେତେଦୂର ପ୍ରସ୍ତୁତ , ସମ୍ଭବ , ଆବେଦନକାରୀ , ଆବେଗପୂର୍ଣ୍ଣ ଓ ଆଦିମ ସଂସ୍କୃତି ତଥା ବିକାଶ ସଂଶ୍ଲିଷ୍ଟ ?

୫. ଆମେ ଭବିଷ୍ୟତ ପରିବେଶକୁ କେମିତି ଦେଖୁଛୁ ?

୬. ଆମ ନଜରରେ ପୃଥ୍ୱୀର ଜୀବଜଗତ କେମିତି ହେବା ଦରକାର ?

୭. ରାଜନୀତି ଓ ନିର୍ବାଚନୀ ଇସ୍ତାହାରରେ ଜଳବାୟୁ ଏକ ମୁଖ୍ୟପ୍ରସଙ୍ଗ କେବେ ହେବ ?

୮. ଏକ ସୁନ୍ଦର ବିଶ୍ୱ ଭବିଷ୍ୟତ ଉଦ୍ୟେଶ୍ୟମୂଳକ ଉଦ୍ୟେଶ ରଖି ଗଢିବା ପାଇଁ ବ୍ୟକ୍ତି , ସଂଗଠନ ତଥା ଦେଶର ଭୂମିକା କଣ ?

୯. କେଉଁ ଜଟିଳ ସମସ୍ୟାଗୁଡିକ ସର୍ବପ୍ରଥମେ ଉପସ୍ଥାପନାକରି ସମାଧାନର ପନ୍ଥା ବାହାର କରିବା ଦରକାର ?

୧୦. ଶେଷରେ ଆରମ୍ଭ କଉଠୁ ଓ କେମିତି କରିବା ?

ଜାତିସଂଘର ସଚିବ ବାନ କି ମୁନ ମତରେ " ଆମେ ହେଉଛନ୍ତି ସଭ୍ୟତାର ପ୍ରଥମ ପିଢ଼ି ଯିଏକି ଗରିବୀକୁ ମୁଳୋତ୍ପାଟନ କରୁଛି ଆଉ ଶେଷ ପିଢ଼ି ଯିଏକି ଜଳବାୟୁ ପରିବର୍ତନକୁ ରୋକିବା ପାଇଁ ସତଚେଷ୍ଟା କରୁଛି" ଆଗାମୀ ପିଢ଼ି କହିବ ଆମେ ଆମର ନୈତିକତା ଓ ଐତିହାସିକ ଦାୟିତ୍ୱ କେତେଦୂର ନିଭାଇ ପାରୁଛନ୍ତି Iପରିବେଶ ସୁରକ୍ଷା, ଗରିବ ହଟେଇବା ଓ ଅର୍ଥନୈତିକ ଅଭିବୃଦ୍ଧି ଏକ ବୃତ୍ତାକାର ଅର୍ଥନୀତିରେ ଯିବା ଦରକାର I ଆମେ ନିଶ୍ଚୟ ଜଳବାୟୁ ପରିବର୍ତନର ପ୍ରତିଟି କଣିକା ସହ ଜଳାଭାବ, ଶକ୍ତିସଙ୍କଟ , ଅର୍ଥ ନୈତିକ, ସାମାଜିକ ଓ ସାଂସ୍କୃତିକ ସମସ୍ୟା ତଥା ଜାତୀୟ ସ୍ୱାସ୍ଥ୍ୟ, ଖାଦ୍ୟ ସଂରକ୍ଷଣ ଓ ମହିଳା ସଶକ୍ତିକରଣକୁ ଯୋଡିବା ଦରକାର Iଜଳବାୟୁ ପରିବର୍ତନର କିଛି ସୀମାରେଖା ନାହିଁ, ଏହା ଧନୀ-ଗରିବ କି ସାନ-ବଡ ଦେଖେ ନାହିଁ, ଏହା ସମଗ୍ର ବିଶ୍ୱର ସମସ୍ୟା ତେଣୁ ସମସ୍ତେ ଏକଜୁଟ ହୋଇ ଏହାର ପ୍ରତିକାର କରିବା ବାଞ୍ଛନୀୟ . ବେଳ ଥାଉ-ଥାଉ ପ୍ରତିକାର ନକଲେ ଭେଳା ନିଶ୍ଚୟ ବୁଡିବ I

# ବିଦାୟ କଣ ସବୁବେଳେ ଦୁଃଖ ଦିଏ?

**ରାକେଶ ବେହେରା**

**ଅଧ୍ୟାପକ, ପରିସଂଖ୍ୟାନ ବିଭାଗ**

ହେତୁ ପାଇଲା ବେଳଠୁ ଅନେକ ବିଦାୟ ଦୃଶ୍ୟ ଦେଖିଆସୁଛି। ସେ ନାଟକ ରଙ୍ଗମଞ୍ଚରେ ହେଉ କି ଚଳଚ୍ଚିତ୍ରରେ ପ୍ରଦର୍ଶିତ ଦୃଶ୍ୟ। କିନ୍ତୁ ବିଦାୟ କଥା ମନକୁ ଆସିଲେ ମୋର ମନେପଡେ ଗାଁ ଦାଣ୍ଡରେ ଝିଅଟିଏ ପରିବାରରୁ ବିଦାୟ ନେଇ ଶାଶୁଘରକୁ ଯିବାର ହୃଦୟ ବିଦାରକ ଦୃଶ୍ୟ। ସେତେବେଳେ ବୟସମାତ୍ର ନ କି ଦଶ, ସେବେଠୁ ମୋ ମନରେ ଗୋଟିଏ ପ୍ରଶ୍ନ କ'ଣ ବିଦାୟ ସବୁବେଳେ ଦୁଃଖଦିଏ? ଏସବୁକୁ ସହଜରେ ଗ୍ରହଣ କରିନେଲେ ଏ ସୁଖରେ ରୁପାନ୍ତରିତ ହୁଅନ୍ତାନିକି? କାହାକୁ ଏ ପ୍ରଶ୍ନ ମୁଁ ପଚାରିପାରେନି କି ନିର୍ଦ୍ଦିଷ୍ଟ କିଛି ଉତ୍ତର ମନକୁ ଆସେନି...ଏଇ ଭିତରେ ମୁଁ ମାଟ୍ରିକ୍ ପାସ୍ କରି ଘରଛାଡି କଲେଜ୍ ପଢିଆସିଲି। ଏ ଥିଲା ବିଦାୟର ପ୍ରଥମ ଅନୁଭୁତି।ଏ କଷ୍ଟ ବେଶି ଦିନ ନଥିଲା ପୁଣି ସାଙ୍ଗସାଥି ସହ ମଜା ମଜଲିସ୍ କରି ବେଶ୍ ଆନନ୍ଦରେ କଟିଥିଲା ଛାତ୍ରଜୀବନ। ଅବଶ୍ୟ ଯୁକ୍ତ ୨ ରେ ପଢୁଥିବା ସମୟରେ ଜଣେ ଅଧ୍ୟାପକ କେମିତି ଝିଅଟିଏ ନିଜଘର ଛାଡି ବୋହୁହେଇ ଶାଶୁଘରେ ନୂଆଲୋକ ପରିବେଶ ସହ ଖାପଖୁଆଇ ଚଳିବା ପାଇଁ କେତେ ଯେ ପୀଡା ସହେ ଏ ବିଷୟରେ ଚର୍ଚ୍ଚା କରୁଥିଲେ। ମୁଁ ହଠାତ୍ ଉତ୍ତର ରଖିଥିଲି "ସାର୍ ଝିଅ ଜନମ ତ ପର ଘରକୁ"। ଭାବପ୍ରବଣତାକୁ ଭଲ ଭାବେ ନ ବୁଝି ଖାମଖିଆଲ ଭାବେ ଉତ୍ତର ରଖିଥିବା ଅପରାଧରେ ମତେ ସେଦିନ ଦୁଇ ଚାରିପଦ ଭଲରେ ଶୁଣେଇଥିଲେ ସାର୍।

ବୟସ ବଢିଲେ ଅଭିଜ୍ଞତା ଓ ପରିପକ୍ୱତା ଆସେ। ଜୀବନ ଏବଂ ପରିସ୍ଥିତିକୁ ବୁଝିବାର ସାମର୍ଥ୍ୟ ଆସେ। ଛାତ୍ର ଜୀବନର ଅନେକ ସଂଘର୍ଷ ପରେ ମୁଁ ଚାକିରି ପାଇଲି।ଡାକବାଲା ନିଯୁକ୍ତି ପତ୍ର ଆଣି ଘର ଦେଲା ମୁଁ ଆନନ୍ଦରେ ନିଯୁକ୍ତି ପତ୍ର ଖୋଲି ପଢେ ତ ମୋର ନଜର ପଡିଲା ବୋଲ୍ଡ ଲେଟର ରେ ଲେଖାହେଇଥିବା **"Your place of posting is Port Blair, A & N Islands"** ମୁଁ ହଠାତ୍ ବାକଶୂନ୍ୟ ହେଇଗଲି ଭାରି ଗମ୍ଭୀର ଦିଶିଲି। ବୋଉ ଆସି ପଚାରୁଚି ବାପା ତୁ କେଉଁ ଯାଗାରେ ଚାକିରି କରିବୁ? ମୁଁ କିଛି ଉତ୍ତର ନ ଦେଇ କିଛି କ୍ଷଣ ନିରବ ରହିଲି। ବୋଉ କହିଲା କଣ କିଛି କହୁନୁ, କଣ ହେଇଚି ମୁହଁ କାହିଁ ତୋର ଶୁଖିଗଲା ? ବୋଉ ବ୍ୟସ୍ତ ହେଇ ପଚାରିଲା ତୋ ଚାକିରି କାଟିଦେଲେ? ନା ନା ସେମିତି କିଛି ନୁହେଁଲୋ ବୋଉ, ମୋର ପ୍ରଥମ ପୋଷ୍ଟିଂ ଆଣ୍ଡାମାନ ଓ ନିକୋବର ଦ୍ୱୀପପୁଞ୍ଜରେ ଭାରି କ୍ଷୀଣ ସ୍ୱରରେ କହିଲି। ୟେଁ.....ସିଏ କେଉଁ ରାଇଜଲୋ ମା । ସେ ଚାରିପଟେ ସମୁଦ୍ର ମଝିରେ ଛୋଟ ଛୋଟ ଦ୍ୱୀପ ଯାହାକି ବ୍ରିଟିସ୍ ଅମଳରୁ କଳାପାଣି ନାମରେ ଖ୍ୟାତ ବୋଲି ଉତ୍ତରଦେଲି।ସେଇଥିପାଇଁ ମୋ ପୁଅ ମନ ଦୁଃଖ, ଥାଉ ସେ ଚାକିରି ତୁ ଭଲ ଯାଗାରେ ଚାକିରି ମିଳିଲେ କରିବୁ ମୁଁ ବାପାଙ୍କୁ ବୁଝେଇଦେବି। ନା ବୋଉ ସେ ବହୁତ ଭଲ ଯାଗା ପ୍ରାକୃତିକ ସୌନ୍ଦର୍ଯ୍ୟରେ ଭରପୁର।ଚାକିରି ସବୁବେଳେ ମିଳେନି।ମୁଁ joining କଲାପରେ ଆମେ ସମସ୍ତେ ବୁଲିବାକୁ ଯିବା। ଏମିତି କହି ବୋଉକୁ ଭୁଲେଇଦେଲି....। ମୁଁ ୧୫ ଦିନ ସମୟ ନେଲାପରେ ଚାକିରିରେ ଯୋଗଦେଲି। ଆଣ୍ଡାମାନ କାର୍ଯାଳୟରେ କାମର ଚାପ ବେଶି ନ ଥିଲା କିନ୍ତୁ ଭାରି ନିଛାଟିଆ ଏକୁଟିଆ ଲାଗେ। ସେଠି ଗୋଟିଏ ଦିନ ମାସ ଭଳି ଲାଗେ ଆଉ ଏକ ମାସ ବର୍ଷଭଳି ଲାଗେ।ସବୁବେଳେ ଛୁଟି ଖୋଜୁଥାଏ କେମିତି ଘରକୁ ଯିବି। ଯେବେ ଛୁଟିନେଇ ଘରେ ଆସି ପହଞ୍ଚେ ଯେମିତି ଲାଗେ ଜୀବନର ରାହା ଫେରିପାଇଚି।ଯେବେ ଛୁଟି ସରି ସରି ଆସି ଶେଷଦିନରେ ପହଞ୍ଚେ ଭାରି ଅସ୍ତବ୍ୟସ୍ତ ଲାଗେ।

କର୍ମକ୍ଷେତ୍ରକୁ ବାହୁଡିବାବେଳ ଜାଣି ଉପଭୋଗ କରିହୁଏନି,ଖାଲି ବ୍ୟସ୍ତବିବ୍ରତ ମନରେ ଆସେ କାଲି ମତେ ଛାଡିଯିବାକୁ ପଡିବ, ପୁଣି ସେ ମୁକ୍ତ ବନ୍ଦୀଶାଳାକୁ ଫେରିଯିବାକୁ ହେବ। ଏମିତି ବି ରାତିରେ ନିଦ ଆସେନି ଯେ ଭାରାକ୍ରାନ୍ତ ଶରୀରରେ। କଡ ଲେଉଟେଇ ଲେଉଟେଇ ରାତି ସରି ସକାଳ ହୁଏ। ସେଦିନ କୋଇଲିର କୁହୁ କୁହୁ ଡାକ କର୍କଶ ଲାଗେ ଆଉ କାଉର କା କା ଡାକ ଖଡେଇ ହେଲା ଭଳି ଲାଗେ। ତରତର ହେଇ ନିତ୍ୟକ୍ରମ ସାରୁଥାଏ, ଯେମିତି ବସ୍ ଛାଡିନଦିଏ। ଏପଟେ ବାହାରିଲା ବେଳକୁ ବୋଉ, ପୁଅରେ ଦି'ଟା ଖାଇଦେଇ ଯା। ପୁଅ ଘରୁ ଖାଲିପେଟରେ ଯିବ କେଉଁ ମା' ବା ସହିଥା'ନ୍ତା! ସେମିତି ତରତର ହେଇ ଦି'ଟା ଖାଇଦିଏ, ଯେମିତି ମା ମନରେ କଷ୍ଟ ନହୁଏ। ଏଇ ଭିତରେ ଭାଇ ବାଇକ୍ ର ହର୍ଣ୍ଣ ବସ୍ ଷ୍ଟାଣ୍ଡ ଯିବାକୁ ସାବଧାନ କରାଏ।ଏ ଶବ୍ଦ ଶୁଣୁ ଶୁଣୁ ହୃତପିଣ୍ଡ ସ୍ପନ୍ଦନର ବେଗ କ୍ରମଶଃ ଦ୍ରୁତ ବେଗରେ ବଢିବାରେ ଲାଗେ..। ଆତ୍ମୀୟସ୍ୱଜନଙ୍କ ଆଶୀର୍ବାଦ ଘେନି ଘରୁ ଗୋଡ କାଢିଲାବେଳକୁ ଲୁହାକ୍ରାନ୍ତ ଆଖିରେ ଛଟଛଟ ଅଶ୍ରୁ ସବୁ ଯମାଟ ବାନ୍ଧିଥାନ୍ତି ବରଷିବା ପାଇଁ... କିନ୍ତୁ ଅନୁମତି ମିଳେନି....।ଆଖିର ଲୁହକୁ ଆଖିରେ ମାରି ଛାତିର କୋହକୁ ଛାତିରେ ଚାପି ବସିପଡେ ଗାଡିରେ...ଆଉ ପଛକୁ ଚାହେଁନି, କାଳେ ଏ ଅମାନିଆ ଲୁହ ବୋଲ ନ ମାନିବେ......

ଅନେକଦିନ ପରେ ଛୋଟବେଳୁ ଖୋଜୁଥିବା ପ୍ରଶ୍ନର ଉତ୍ତର ମୁଁ ପାଇଯାଇଥିଲି.......

# ପ୍ରୟାସ-- ଏକ ଶୃଙ୍ଖଳିତ ସମାଜ ପାଇଁ ମାର୍ଗଦର୍ଶକ

**<u>ସତ୍ୟଜିତ ସାହୁ</u>**

2008 ମସିହାରେ କେନ୍ଦ୍ରାପଡା ଜିଲ୍ଲା ଅନ୍ତର୍ଗତ ପାଲକଣା (ଶ୍ରୀବନ୍ତପୁର) ଠାରେ ଆରମ୍ଭ ହୁଏ "ପ୍ରୟାସ "ନାମକ ଏକ ଅନୁଷ୍ଠାନ । ଯାହାର ଉଦ୍ଦେଶ୍ୟ ଲୋକ ମାନକ ପାଇଁ ........ . ମୁ ଯେତେବେଳେ ୫ ବର୍ଷର ହୋଇଥାଏ ମନରେ ଉଙ୍କି ମାରୁଥାଏ ଅନେକ ସ୍ୱପ୍ନର ଅଶୁମାରି ହେଉ । ଲୋକମାନଙ୍କ ପାଇଁ ..............କଣ ସତରେ ଏହା ଲୋକମାନଙ୍କ ପାଇଁ , ଏହା କାର୍ଯ୍ୟ କଣ ? ଏହାର କାର୍ଯ୍ୟକ୍ରମ କଣ ରହିବ ଓ ଏଥିରେ କେଉଁମାନେ ଅଛନ୍ତି ଏମିତି ଅନେକ ଗୁଡ଼ାଏ ପ୍ରଶ୍ନର ଉତ୍ତର ପାଇବା ପାଇଁ ବାହାରିପଡ଼ିଥିଲି 2009 ମସିହାରେ ଆମ ପ୍ରୟାସ କାର୍ଯ୍ୟକ୍ରମକୁ ଓ ସେଠାରେ ପହଁଚିଲା ପରେ ଯେତେବେଳେ ଏହାର ବାର୍ଷିକ କାର୍ଯ୍ୟ ବିବରଣୀ ଶୁଣିଲି ମୋତେ ବଡ ଚକିତ କରିଥିଲା , ଗଛ ଲଗେଇବା ହେଉ କିମ୍ବା ରକ୍ତଦାନ ହେଉ ଅବା ପ୍ରତିଭା ଅନ୍ୱେଷଣ ସବୁ କାର୍ଯ୍ୟ ରେ ନିଜକୁ ସାମିଲ ପୁଣି ସମାଜର ହିତ ପାଇଁ .... ଏହା ମୋତେ ବିସ୍ମିତ କରିଥିଲା । ସେହିଦିନଠାରୁ ମନରେ ସ୍ଥିର କରିଥିଲି ଏହି ପରିବାରର ଆଜୀବନ ସଦସ୍ୟ ହୋଇରହିବି । ଠିକ ସେହିବର୍ଷ ହିଁ ମୁ ସେଠାରେ ସଂଗୀତ ପ୍ରତିଯୋଗିତାରେ ଭାଗ ନେଇ ପୁରସ୍କୃତ ହୋଇଥିଲି ।  ଏହାପରଠାରୁ ପ୍ରତିବର୍ଷ ଡିସେମ୍ବର 25 ତାରିଖରେ ପହଞ୍ଚିଯାଏ ମା ନିମ୍ବଦାରୁ ପୀଠରେ ପ୍ରୟାସ କାର୍ଯ୍ୟକ୍ରମରେ ଯୋଗଦେବାପାଇଁ ........ ଏହି ସବୁ ଭିତରେ ମୁ ନିଜକୁ ଶୃଙ୍ଖଳିତ କରିବାର ପାଠ ମଧ ପ୍ରସ୍ତୁତ କରୁଥାଏ ।

ଦିନକର କଥା ମୁଁ ଚତୁର୍ଥ ଶ୍ରେଣୀରେ ପଢୁଥାଏ ଏବଂ ରଚନା ଲେଖିବାପାଇଁ ଦୀପକ ଭାଇଙ୍କ ପାଖକୁ ଯାଇଥାଏ , ମୁ ତାଙ୍କୁ ନମସ୍କାର ହୋଇ ବିଷୟବସ୍ତୁ ଉପରେ ମୋତେ କିଛି ପରାମର୍ଶ ଦେବାକୁ ଅନୁରୋଧ କଲି ଓ ଠିକ ସେହିସମୟରେ ଭାଇ ମୋତେ କହିଲେ ମୋତେ ତ ନମସ୍କାର କଲୁ ମୋ ବାପା ମା ଙ୍କୁ ତା ନମସ୍କାର କଲୁ ନାହି, ମୁ ଯଦିଓ ଦେଖି ନଥିଲି ମଉସା ମାଉସୀଙ୍କୁ, ସେ କହିଲେ ସେପଟେ ଘରେ ଅଛନ୍ତି ଯା ସେମାନଙ୍କୁ ଆଗେ ନମସ୍କାର କରି ଆସିବୁ । ଏହି ନୀତି ନୈତିକତା ହିଁ ପ୍ରୟାସର ଲକ୍ଷ ଏବଂ ମୁ ମଧ ମୋ ଜୀବନକୁ ଏକ ସୁସଂଘଠିତ ପଥରେ ପରିବର୍ତନ କଲି ।

ଏହା ଭିତରେ ଅନେକ ପ୍ରତିଯୋଗିତାରେ ଭାଗ ନେଇ ପୁରସ୍କୃତ ମଧ ହୋଇଥାଏ. । ଏହାଦ୍ୱାରା ମୋର ପ୍ରତିଭାର ବିକାଶ ହେବା ସହ ସମାଜରେ ମୋତେ ସମାଜରେ ଏକ ଭଲ ପିଲାର ମର୍ଯ୍ୟାଦା ମିଳୁଥାଏ . 2013 ମସିହାରେ ଯେତେବେଳେ ଦୀପକ ଭାଇ ଭାରତୀୟ ଅର୍ଥନୈତିକ ସେବା ପରୀକ୍ଷାରେ କୃତକାର୍ଯ୍ୟ ହେଲେ ଓ ସବୁଆଡୁ ସୁଭେଚ୍ଛାର ସୁଅ ଛୁଟୁଥାଏ ମୁ ସେତେବେଳେ ଅଷ୍ଟମ ଶ୍ରେଣୀରେ ପଢୁଥାଏ ଓ ମନରେ ସ୍ୱପ୍ନ ଉଙ୍କିମାରୁଥାଏ ତାଙ୍କ ପରି ମଣିଷଟିଏ ହେବାପାଇଁ କଣ " ପ୍ରତିକୂଳ ପରିସ୍ଥିତିରେ ସଫଳତାର ସ୍ୱାଦ ଟିକେ ନିଆରା " .

ଏହା ଭିତରେ ଭାଇ ଆମ ଶ୍ରେଣୀକୁ ଯାଇ ଆମ ମାନଙ୍କୁ ପାଠ ପଢ଼ାଇ ଥିଲେ ଓ ସର୍ବଦା ସମାଜର ହିତ ପାଇଁ କାର୍ଯ୍ୟ କରିବାକୁ ଆହ୍ୱାନ ଦେଇଥିଲେ . ଯେତେ ବଡହେଉଥାଏ ସେତେ ପ୍ରୟାସ ର ଆଭିମୁଖ୍ୟ ସ୍ୱଷ୍ଟ ବୁଝାପଡୁଥାଏ . ଏହାରି ଭିତରେ ଶିବା ସାର ଙ୍କ ନେତୃତ୍ୱରେ ନାଟକ ପରିବେଷଣ ହେଉ ଅବା ଅଶୋକ ଭାଇଙ୍କ ସହ ମିଶି ସାମାଜିକ କାର୍ଯ୍ୟ ହେଉ ମୁଁ ସବୁବେଳେ ଆଗଭର ହେଇ ପହଞ୍ଚିଯାଏ ।

କେବଳ ସେତିକି ନୁହେ ଯେତେବେଳେ ମୁଁ ଦଶମ ପରୀକ୍ଷାରେ ବିଦ୍ୟାଳୟରେ ସର୍ବୋଚ୍ଚ ନମ୍ବର ରଖିବା ପରେ ଉଚ୍ଚ ଶିକ୍ଷା ପାଇଁ ଆଶା ବାନ୍ଧିଥାଏ ସେତେବେଳ ଘରର ଆର୍ଥିକ ପରିସ୍ଥିତି ଓ ମାଙ୍କ ଅସୁସ୍ଥତା ମଧ ମୋ ଆଶାରେ ବାଧା ସଦୃଶ ପାହାଡ ପରି ଛିଡା ହୋଇଥାଏ . ସେହି ପରିସ୍ଥିତିରେ ଆମ ପ୍ରୟାଶ ଛାତ୍ରବୃତ୍ତି ମୋତେ ଏକ ନୂଆ ବାଟ ଦେଖେଇଥିଲା, ଯାହା ଫଳରେ ମୋ ସ୍ୱପ୍ନରେ ଏକ ଉଡାନ ଆସିଥିଲା । ପ୍ରତିବର୍ଷ ବୃତ୍ତି ପ୍ରଦାନ କରି କେବଳ ମୋତେ ନୁହେ ବରଂ ଅନେକ ମେଧାବୀ ଛାତ୍ର ଛାତ୍ରୀଙ୍କୁ ପ୍ରାୟଶଃ ଏକ ନୂଆ ବାଟ ଦେଖାଇଛି. କେବଳ ସେତିକି ନୁହେ କୌଣସି କ୍ୟାରିଅର ସମ୍ବଧୀୟ ବାଟ ଦେଖେଇବା ହେଉ କି ସ୍ୱାସ୍ଥ୍ୟ ସଚତନା ହେଉ ବା ବୃକ୍ଷରୋପଣ ଆଦି ମାଧମରେ କେବଳ କେନ୍ଦ୍ରାପଡା ନୁହେ ବରଂ ସମଗ୍ର ଓଡିଶା ରେ ଏହାର ଏକ ସ୍ୱତନ୍ତ୍ର ସ୍ଥାନ ବଜାୟ ରଖିଛି ।

ସମସ୍ତେ ସଫଳ ହେବାକୁ କୁହନ୍ତି ବରଂ ସଫଳତାର ବାଟ ପ୍ରୟାସ ହିଁ ଦେଖେଇଥାଏ , ସମସ୍ତେ ଭାଇଚାରାରେ ରହିବାକୁ କୁହନ୍ତି ବରଂ ପ୍ରୟାସ ତାହାକୁ ବାସ୍ତବିକତାରେ କରିକି ଦେଖେଇଥାଏ . ଶେଷରେ ଏତିକି କହିବି " ପ୍ରୟାସ ଏକ ଶୃଙ୍ଖଳିତ ସମାଜ ପାଇଁ ମାର୍ଗଦର୍ଶକ ଓ ପ୍ରୟାସ ଲୋକମାନଙ୍କପାଇଁ ...."


ସତ୍ୟଜିତ ସାହୁ

ଗୋଷ୍ଠୀ ସ୍ୱାସ୍ଥ୍ୟ ଅଧିକାରୀ

ଆୟୁଷ୍ମାନ ଆରୋଗ୍ୟ ମନ୍ଦିର , ଇନ୍ଦୁପୁର

# ଦେଶ ହିତୈଷୀ ଜାତି ପ୍ରାଣ ପ୍ରତିଭା: ଜଗବନ୍ଧୁ ସିଂହ

**ଡ.ପ୍ରମୋଦିନୀ ଜେନା**
ଗବେଷିକା, ଶାସ୍ତ୍ରୀୟ ଓଡ଼ିଆ ଉତ୍କର୍ଷ ଅଧ୍ୟୟନ କେନ୍ଦ୍ର,
ଉଚ୍ଚଶିକ୍ଷା ବିଭାଗ, ଶିକ୍ଷା ମନ୍ତ୍ରାଳୟ, ଭାରତ ସରକାର

ଯେଉଁ ଦେଶ ପ୍ରାଣ ମନୀଷୀମାନେ ସ୍ବଜାତୀୟ ସେବା, ସାଧନା, ଚିନ୍ତା, କର୍ମନିଷ୍ଠା ଉତ୍ସାହ ଓ ଉଦ୍ଦିପନା ବଳରେ ପରାଧୀନ, ପତିତ ଓ ସୁପ୍ତ ଜାତିମାନସରେ ଦେଶଗଠନର ସ୍ୱପ୍ନ ସୃଷ୍ଟିକରି ତାହାକୁ ସାକାର କରିବାକୁ ଜୀବନବ୍ୟାପୀ ଉଦ୍ୟମ କରିଯାଇଛନ୍ତି, ସେମାନଙ୍କ ମଧ୍ୟରେ ଦେଶ ଓ ଜାତିର ବନ୍ଧୁ ଜଗବନ୍ଧୁ ସିଂହ ଅନ୍ୟତମ । କରାଳ ନଅଙ୍କ ଦୁର୍ଭିକ୍ଷର ଏକ ଦଶନ୍ଧି ପରେ ପୁରୀ ଜିଲ୍ଲା ନିମାପଡ଼ା ନିକଟସ୍ଥ ଭୁବନପୁର ଗ୍ରାମରେ ୧୮୭୬ ମସିହା ଫେବୃଆରୀ ୧୫ ତାରିଖରେ ଶିଶୁଟିଏ ଜନ୍ମଲାଭ କରିଥିଲା । ଶ୍ରୀଜଗନ୍ନାଥଙ୍କୁ ଭକ୍ତିପୂର୍ଣ୍ଣ ଅର୍ଚ୍ଚନା ଓ ଚନ୍ଦ୍ରମଣି ଦେବୀଙ୍କ ବାଞ୍ଛିତ ପୁତ୍ର ସନ୍ତାନ ଲାଭ କରିଥିବାରୁ ଆଦରରେ ଶିଶୁଟିର ନାମ ରଖିଥିଲେ ଜଗବନ୍ଧୁ ।

ଜଗବନ୍ଧୁ ଏକାଧାରରେ ଥିଲେ ସ୍ୱାଧୀନତା ସଂଗ୍ରାମୀ, ଆଇନ୍‌ଜୀବୀ, ବ୍ୟବସ୍ଥାପକ, ବିଧାୟକ, ସାହିତ୍ୟ ସାଧକ, ଐତିହାସିକ ଓ ଗବେଷକ । ସେ ଓଡ଼ିଶାର କଳାକୀର୍ତ୍ତୀ, ମନ୍ଦିର, ଗୁମ୍ଫା, ଶିଳାଲେଖ, ପୋଥି, ପ୍ରଚଳିତ କିମ୍ବଦନ୍ତୀ ଇତ୍ୟାଦିକୁ ଗବେଷକର ଜିଜ୍ଞାସୁ ଦୃଷ୍ଟିରେ ଦେଖି ୧୯୧୦ରୁ ରଚନା କରିବାକୁ ଲାଗିଲେ ପ୍ରବନ୍ଧ । ତାଙ୍କର ଏହି ପ୍ରତିଭା ଯୋଗୁ ୧୯୧୭ ମସିହାରେ ନିୟୋଜିକାଲ୍ ଇନ୍‌ଭେଷ୍ଟିଗେସନ୍ କମିଟିର ସଭ୍ୟରୂପେ ମନୋନୀତ ହୋଇଥିଲେ । ଜଗବନ୍ଧୁ ହେଉଛନ୍ତି ପ୍ରଥମ ଜାତୀୟବାଦୀ ଉତ୍କଳ ଇତିହାସ ଲେଖକ । ଗଦ୍ୟାମୂଳ ଭାବରେ ପ୍ରାଚୀନ ଉତ୍କଳ ଏବଂ ପଦ୍ୟାମୂଳ ଭାବରେ 'ଭାରତ ଚରିତାମୃତ' ଦୁଇଟି ଅମ୍ଲାନ ଗ୍ରନ୍ଥ । ଛାତ୍ର ଅବସ୍ଥାରୁ ସେ ଥିଲେ ଇତିହାସର ଅନୁରାଗୀ । ଓଡ଼ିଶା ତଥା ଭାରତୀୟ ସଂସ୍କୃତି ଓ ଇତିହାସ ଉପରେ ତାଙ୍କର ଗଭୀର ପ୍ରବେଶ ଥିଲା ଏଣୁ ସେ ଯଥାର୍ଥରେ ଥିଲେ ଜଣେ ପ୍ରାଚ୍ୟବିଦ୍ୟା ବିଶାରଦ ।

୧୯୨୦ ମସିହାରେ କଂଗ୍ରେସର ନାଗପୁର ଅଧିବେଶନରେ ସେ ଭାଗନେଇଥିଲେ । ୧୯୨୧-୨୨ ମସିହାରେ ସେ ପ୍ରାଦେଶିକ କଂଗ୍ରେସ କମିଟିର ସଭାପତି ଆସନ ଅଳଂକୃତ କରିଥିଲେ । ୧୯୨୪-୨୮ ମସିହାରେ ସେ ବିହାର ଓଡ଼ିଶାର ବ୍ୟାବସ୍ଥାପକ ସଭାକୁ ପୁରୀରୁ ନିର୍ବାଚିତ ହୋଇଥିଲେ ।

୧୯୩୭ରେ ଜଗବନ୍ଧୁ କଂଗ୍ରେସର ସଭ୍ୟରୂପେ ଓଡ଼ିଶା ବିଧାନସଭାକୁ ନିର୍ବାଚିତ ହେଲେ । ଏହିପରି ଅନେକ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟରେ ସେ ଦାୟିତ୍ୱର ସହ କାର୍ଯ୍ୟ ନିର୍ବାହ କରିଥିଲେ । ଜଗବନ୍ଧୁ ସିଂହ ବୃତ୍ତିରେ ଥରେ ଜଣେ ଆଇନଜୀବି, ମାତ୍ର ସାହିତ୍ୟ ସେବା ଥିଲା ତାଙ୍କ ଜୀବନର ବ୍ରତ । ପ୍ରାଚୀନ ଭାରତର ସଂସ୍କୃତି ବିରବ ଗାନ କରି ପାଠକ ପ୍ରାଣରେ ସ୍ୱ ଭୂମି ପ୍ରତି ଶ୍ରଦ୍ଧା ସୃଷ୍ଟିକରିବା ଥିଲା ତାଙ୍କ ପ୍ରବନ୍ଧ ରଚନା କରିବାର ମୂଳଲକ୍ଷ୍ୟ ।

ସେହି ଦେଶହିତୈଷୀ ଜାତିପ୍ରାଣ ପ୍ରତିଭା ଆଜି ବିସ୍ମୃତ ପ୍ରାୟ । ଓଡ଼ିଶାରେ ବିଶେଷତଃ ତାଙ୍କ ଜନ୍ମମାଟିରେ ନିମାପଡ଼ା କିମ୍ବା ପୁରୀରେ ସେହି ଅସାଧାରଣ ବ୍ୟକ୍ତିତ୍ୱଙ୍କ ସ୍ମୃତି ସ୍ଥାଇନୀ ରୂପେ ଏଯାବତ୍ କିଛି କରାଯାଇ ନାହିଁ । କୌଣସି ଜାଗାରେ ତାଙ୍କର ପ୍ରତିକୃତିଟିଏ ନହିଁ । ଓଡିଆ 'ଅସ୍ମିତା" କଥାଟି ପ୍ରଥମେ ଜଗବନ୍ଧୁ ସିଂ ହିଁ ଉପସ୍ଥାପନା କରିଥିଲେ । ପୂଜ୍ୟ ପ୍ରତିଭା ପୂଜାର ଆଉ ବ୍ୟତିକ୍ରମ ନ ହେଉ । ଦେଶ ଓ ଜାତିର ବନ୍ଧୁ ଜଗବନ୍ଧୁଙ୍କ ଆଦର୍ଶ ଓ ବାଣୀରେ ଦିଗ୍‌ଭ୍ରାନ୍ତ ଏ ଜାତି ଉଦ୍‌ବୁଦ୍ଧ ହେଉ ।

## ଓଡିଆ କବିତା

# ପରିଚୟ

**ଅମ୍ରିତ ରତୁରାଜ**

**ଜିଲ୍ଲାପାଳ , ଖୋର୍ଦ୍ଧା**

ତିନି ଚାରି ଅକ୍ଷର ଯୋଡି ହୁଏ
ତୁମ ନାମ କଡରେ
ସେ ଅକ୍ଷର ତୁମେ ନୁହେଁ।
ସେ ଅକ୍ଷର ଛଡ଼ା ବି ଆଉ କିଛି
ପରିଚୟ ତୁମର ଅଛି।
ତୁମ ନାମ ହଜିନଯାଉ
ସେଇ ନୁଆ ଅକ୍ଷର ସବୁର
କୋଳାହଳ ଭିତରେ।
ନୁଆ ଅକ୍ଷର ତମକୁ
ଦେଉ ନୁଆ କୋଠରୀର ଅନୁଭବ
କିନ୍ତୁ ତୁମେ ନିଜକୁ ବନ୍ଦୀ କରନି
ନିବୁଜ କୋଠରୀର ଅଣନିଶ୍ୱାସୀ ଚାକଚକ୍ୟ ଭିତରେ।
ପଦବୀ ପୂର୍ବରୁ ତମେ
ଗୋଟେ ନାମ ଥିଲ
ପଦବୀ ପରେ ବି ତମେ ସେଇ
ନାମ ରହିବ
ପାଣି ପିଇବ, ନିଃଶ୍ୱାସ ନବ, ହସିବ, କାନ୍ଦିବ, ମଜା କରିବ,ବଂଚିବ
ନୁଆ କରି ଯୋଡ଼ା ଅକ୍ଷର ଭିତରେ
ଲିଭେଇଦେବନି ନିଜ ନାମ
ଟାଣୁଆ ଖରା ନିଦକୁ ଲିଭେଇଲା ଭଳି

ତୁମେ ଆଗରୁ ବି ଜୀଇଁବା ଶିଖିଥିଲ
ଏବେ ସେ ଜୀଇଁବା ଛାଡିଦବନି

# ସମୁଦ୍ର ମନ୍ଥନ

**ଡ଼ ପ୍ରଦୀପ୍ତରଥୀ ପଣ୍ଡା**

ତୁମେ ମୋର ଜୀବନ ତୁମେ ହିଁ ମୋ ଜଗତ ଧନ

ମୋ ପରି ତୁମର ବି ଅଛି ରାଗ ଅଭିମାନ

କେମିତି ତୁମେ କାନ୍ଦି ନଥାନ୍ତ ,

କିନ୍ତୁ ତୁମ ସେଇ କାନ୍ଦରେ ଝରିପଡୁଛି

ମୋ କାନ୍ଦର ବଳ ଅସ୍ତ ବ୍ୟସ୍ତ

ହେଇଯାଉଛି ମୋ ଜୀବନ ସ୍ଥଳ

ତୁମେ ଶାନ୍ତ କାନ୍ତ ଆଉ ଭାରି ଅଭିମାନୀ

ତୁମ ଟିକିଏ କଷ୍ଟ ରେ ଏ ଜଗତ ହେଇଯିବ ପୂରା ରଣି |

ତୁମେ ମୋର ହୃଦୟର କୁତୁ କୁତୁ ସ୍ପନ୍ଦନ
ମୋ ମନର କୁନି ସୁନା ନନ୍ଦନ
ତୁମେ ହସିଲେ ଏଠି ଫୁଲ ହସିବ ,
ତୁମେ କାନ୍ଦିଲେ ଏଠି ଘାସ ବି କାନ୍ଦିବ
କେମିତି ବୁଝିବ ତୁମେ କାକର ଆଖିର ଲୁହ,
କେମିତି ଦେଖିବ ତୁମେ ବରଫ ଛାତିର କୋହ

ଯେବେ ତୁମେ ହସିବ ତେବେ ତୁମେ ଦେଖିବ
ଏଠି ଶାନ୍ତି ଆଉ ଶାନ୍ତି ପୁରି ଅଛି ଭରି ,
ବୁଝି ଯିବ ଏଠି କେତେ କୋମଳ ଆମ ହୃଦୟର ସମୁଦ୍ର ମନ୍ଥନ |
**************

ଡ଼ ପ୍ରଦୀପ୍ତରଥୀ ପଣ୍ଡା

ସହ ପ୍ରାଧ୍ୟାପକ, IIM RAIPUR

# କେମିତି ହସିବ ଜହ୍ନ

ଜ୍ୟୋସ୍ନା ବିଧୌତ ରଜନୀର ବୁକୁ
ଆଜି କିଆଁ ବିଚଳିତ ?
ସାଜିବାକୁ ଥିଲା ଅଭିସାରିକା ସେ ,
ଲାଗୁଛି ଅର୍ଦ୍ଧ ଅତୃପ୍ତ !!

ମାଟି ଭିଜୁଅଛି ବର୍ଷା ବତାସରେ
ଆକାଶ ଭିଜେ ଅନ୍ଧାରେ !
ସନ୍ଧ୍ୟା ଭିଜିଥିଲା ଅଳପ ବହୁତେ
ଜୀମୂତର ଜୁଆରରେ !!

ଶାରଦୀୟ ବାସ୍ନା ଦୂରେ ବାସିଲାଣି ,
ଶ୍ରାବଣୀ ଗଲାଣି ଚାଲି !
ଅତର୍କିତ ଭାବେ ମେଘର ତାଣ୍ଡବେ
ଜହ୍ନ ଯାଇଛି କି ଜଳି ??

ପ୍ରୀତି ଅନୁରାଗୀ ସୁହାଗିନୀ ଖୋଜେ
ଝରକାର ଆଢୁଆଳେ !
ଅତି ପ୍ରିୟ ତା'ର ଜହ୍ନ ହଜିଗଲା
ଆକସ୍ମିକ ଅନ୍ତରାଳେ !!

ସାଗର ବକ୍ଷରେ ବିପ୍ଳବର ବନ୍ୟା ,
ଆକାଶେ ଉଦ୍ବେଗୀ ଝଡ଼ !
ଅଶାନ୍ତ ସାଜିଛି ପ୍ରକୃତିର କୋଳ ,
ଦୋହଲେ ଶାନ୍ତିର ଗଡ଼ !!

ପ୍ଲାବନୀ ବନ୍ୟାରେ ଭାସିଲାଣି କେତେ
ନୀରୀମାଖି ଗାଆଁ ଭୂଇଁ !
ବରଷା ଦାଉରେ ନଈ ପଠା ସବୁ
ମଟାଳ ଦେଉଛି ଧୋଇ !!

ମେଘ ତ ଗ୍ରାସିଛି ଆକାଶ ବକ୍ଷକୁ ,
କୁଆଡୁ ହସିବ ଜହ୍ନ !
ଜହ୍ନ ନ ହସିଲେ କୁଆଡୁ ଜୋଛନା
ମାଟିକୁ କରିବ ମଗ୍ନ !!

ସହିବାପଣ ତା' ଟପିଯାଏ ଯେବେ
ବସୁ ସାଜେ ବିପ୍ଳବିନୀ !
ପୂର୍ଣ୍ଣିମା ପଣତେ ଅନୁଭୂତ ହୁଏ
ଅମାବାସ୍ୟାର ରଜନୀ !!

ଗାୟତ୍ରୀ ଦାଶ ,
ଯାଜପୁର !

# ମୋ ମାଆ

ଏଇ ମୁକ୍ତାକାଶ ତଳେ ବସି
ମୁଁ ଆଜି ଲେଖିବାକୁ ଉଦ୍ୟମରତ।
ହେଲେ ମୋ ଲେଖନୀ ଆଜି ଶିଥିଳ।

କାରଣ ଆଜିର ନାୟିକା ହେଉଛ ତୁମେ,
ମା।
ତୁମେ ମୋ ଜନ୍ମଦାତ୍ରୀ
ମୋର ଜଣେ ଉତ୍ତମ ବନ୍ଧୁ ମଧ୍ୟ।
ଜଣେ ଭଲ ବନ୍ଧୁ ଙ୍କ ବିଷୟ ରେ
କଣ ବା ଲେଖାଯାଇପାରେ?

ମୁଁ ଭାବନା ରେ ମଗ୍ନ
ଶବ୍ଦ ଖୋଜୁଛି ବର୍ଣ୍ଣନା ନିମନ୍ତେ,
ତଥାପି ମୁଁ ଲେଖିବି।

ମା, ତମେ ମୋ ହୃଦୟ ନିଳୟ ର ରାଣୀ
ତୁମ ବଗିଚା ର ପ୍ରସ୍ଫୁଟିତ ପୁଷ୍ପ ମୁଁ
ଯାହାକୁ ତୁମେ ମମତା ରଜଳ
ସିଂଚନ କରି ଆସୁଛ।
ତୁମକୁ ଛାଡି ଆସିବା
ଏତେ ଦୂର କୁ
ସହଜ ନ ଥିଲା।
କିନ୍ତୁ ତୁମ ସ୍ୱପ୍ନ
ମୋର ଦାୟିତ୍ୱ, ମୋର ଲକ୍ଷ୍ୟ।

ଏଇ ଶୂନ୍ୟ କୋଠରୀ ରେ ବସି
ଆଜି ମୁଁ ସ୍ମରଣ କରୁଛି
ସେଇ ତୁମ ହାତ ରନ୍ଧା
ସୁସ୍ୱାଦୁ ଖାଦ୍ୟ ର ସୁଗନ୍ଧ।
ସ୍ନେହ ର ଆଲିଙ୍ଗନ,
ମଥା ରେ ଆଙ୍କି ଦେଉଥିବା ସ୍ନେହ ର ଚୁମ୍ବନ।
ତୁମ କୋଳ ରେ ମୁଣ୍ଡ ରଖି
ହୋଇଯାଉଥିଲି ମୁଁ ଚିନ୍ତାମଗ୍ନ।
କେମିତି ଅର୍ପଣ କରିବି
ଅଶେଷ ଧନ୍ୟବାଦ।

ମୁଁ ଆଜି ଭାବୁଛି ତୁମ କଥା।
ମୁଁ କିଏ?
ମୋ ମାନବୀୟ ଗୁଣ ର ଦାତ୍ରୀ ତୁମେ।
ମୋ ଭିତର ର ସାହସ, ନିର୍ଭୀକତା, ନିର୍ବାକ୍,
ପ୍ରେମ,ସଂସ୍କାର
ଗୁଣ ର ପ୍ରଣେତା ତୁମେ।

ଧୈର୍ଯ୍ୟ ଧର ମା,
ହାରିବି ନାହିଁ ମୁଁ।
ମୁଁ ଜାଣିଛି
ମୁଁ ହେବି ଜଣେ  ସଫଳ ବ୍ୟକ୍ତି,
କାରଣ ମୋ ଜୀବନ ଶିକ୍ଷା ର ଶିକ୍ଷୟିତ୍ରୀ ତୁମେ।
କଢାଇ ନେବ ବାଟ ମୋତେ ସବୁବେଳେ
ଭରିଦେବ ମୋ ଭିତରେ ଆତ୍ମବିଶ୍ୱାସ
ମୁଁ ଜାଣେ।

ହେଲେ ମଧ୍ୟ ସଫଳ
ମୁଁ ଫେରିଯିବି ତୁମ କୋଳକୁ
ଶୋଇଯିବି ସେମିତି ମୁଣ୍ଡ ରଖି
ଆଉ ଚିନ୍ତାମଗ୍ନ ହୋଇଯିବି।
ଉତ୍ତର ଖୋଜିବି ଏଇ ପ୍ରଶ୍ନ ର
କେମିତି ଶୁଝିବି ଋଣ ତୁମର?

-ନିକିତା ଲାଲ୍,
ଗବେଷିକା,
ପରିସଂଖ୍ୟାନ ବିଭାଗ,

ଉତ୍କଳ ବିଶ୍ୱବିଦ୍ୟାଳୟ ।

# ଅପ୍ରାପ୍ତି

**କାମିନି କାଞ୍ଚନ**

ଅପ୍ରାପ୍ତି ସ୍ୱପ୍ନ ଦେଖିଥିଲେ ଜନକ ନନ୍ଦିନୀ
ସୁନା ହରିଣୀ ର ପାଇଁ,
ଇପ୍ସିତ କୃଷ୍ଣଙ୍କୁ ପାଇ ପାରିଲେକି
ବିରହୀଣୀ ପ୍ରେମୀ ରାଈ......
ଶାନ୍ତି ଖୋଜୁ ଖୋଜୁ କଳିଙ୍ଗର କନ୍ୟା
ଅଭାଗିନୀ କାରୁବାକୀ,
ସବୁ ସ୍ୱପ୍ନ ତାଙ୍କ ଭାଙ୍ଗି ଯାଇଥିଲା
ଏକା ଏକା ଗଲେ ଥକି.......
ଦେଖିଥିବା ସ୍ୱପ୍ନ ସାର୍ଥକ ହୁଏନା
ଲାଗେ ସବୁ ମରୀଚିକା,
ତୁମେ ବି ସେପଟେ ମୁଁ ଏକାକୀନୀ
ମଝିରେ ଲକ୍ଷ୍ମଣ ରେଖା.......
ତୁମ ବିନା ଜଳେ ଜିଅନ୍ତା ଜୁଇ ରେ
କେମିତି ଜାଣିବ ତୁମେ,
ସ୍ମୃତି ସିନ୍ଦୁକରେ ଖୋଜେ ମୁଁ ତୁମକୁ
ଉନ୍ମାଦିନୀ ପ୍ରାୟ ଭ୍ରମେ........
ସପନ ତ କେବେ ସତ ହୁଏ ନାହିଁ
ତଥାପି ତୁମକୁ ଖୋଜେ,
ସରଗ ଚାନ୍ଦ କୁ ପାଏ କି କୁମୁଦ
ସରସୀ ରେ ସିନା ରାଜେ

# ଚାହିଁଆ ହଲାଇ ଆସୁଛି

**ରଂଜନ କୁମାର ଦଳାଇ**

ନବଯୁଭବନ ରୂପ ଧରି ଜୁଗା ଚାହିଁଆ ହର୍ଲାଇ ଆସୁଛି
ଖଣ୍ଡୁଆ ପ୍ଲାଟକୁ ତୁଳସୀରୁ ମାଳ ଆହାକି ସୁନ୍ଦରି ଦିଶୁଛି ।

କସ୍ତୁରୀ ଚନ୍ଦନ ବାସ ମହକୁଛି ତୁଳସୀ ଦୟଣା ମାନୁଛି
ନାର୍ଲି ଅଧରରେ ହସ ଧୂଳିଖୁଲି ଭକତ ଜନଙ୍କୁ ମୋହୁଛି ।

ଆଗେ ଯାଉଅଛି ତାଳଧ୍ୱଜ ରଥ ମଝିରେ ଦର୍ପଦଳନ
ପଛେ ହୁଲିଝୁଲି ଆସୁଛି କାଳିଆ ନନ୍ଦିଘୋଷ ରର୍ଥେ ପୁଣ ।

ଭକତ ଜନଙ୍କୁ ଏକାଠି ଏକାଠି କରିଛି ମୂହାଭୁଜ ବେନି
ମେଲାଇ ପୁଣ୍ଣ ମିଳିଥାଏ * କୋଟି ଜନମର ପୁ ଛୁଇଁଲେ
ତା ରଥ ଦଉଡି ।

ହରିବୋଲ ସାଙ୍ଗେ ଘଣ୍ଟ ହୁଳହୁଳି ବଡଦାଣ୍ଡେ ରଥ ଯାଏଁ
ଗଡି ଶିଆଳି ଲତାରେ ନିର୍ମିତ ଦଉଡି ଭକତ ନିଅନ୍ତି ଟାଣି।

ମାଉସୀ ମା କରି ପୋଡପିଠା ଜଗାବଳିଆଙ୍କୁ ଚାହିଁଛି ରୁହୁ
ଉଚ୍ଛୁର ନକରି ଧନକୁ ଚାହିଁଛି ଦେଖୁବି ବୋଲି ଏ
କଳାକହ୍ନାଇ ।।

# ଶହେ ଶବ୍ଦରେ କୋଟି ପ୍ରଣାମ

କଣ କେମିତି କହିବି ଲେଖିବି ତାଙ୍କ କଥା

ଶହେ ଶବ୍ଦରେ କଣ ଭରିହେବ ତାଙ୍କ ଗାଥା

କବିତାର ଶବ୍ଦକୋଷ ଭି ସ୍ଥାଣୁ ଓ ମନ୍ଥର

ଫର୍ଦ ଫର୍ଦ ଚିତ୍ର ରେ ମନ ମୋର ଧୂସର

ଉତ୍‌ଫୁଲିତ ଉଦ୍ଭାସିତ ଚିରହରିତ ସେ ଚେହେରା

ପରିଧାନ ରେ ଧୋବ ଫର ଫର ଧୋତି କୁର୍ତା

ସାଲିସ ବିହୀନ ନିଷ୍କଣ୍ଟକ ସମ୍ପର୍କର ସେତୁ ଟିଏ ସେ

ନୁଆଁଣିଆ ଚାଳଘରୁ ମୁଣ୍ଡ ଟେକିଥିବା ଧୂଆଁ ଗୋଲାଟିଏ ସେ

ଶିକ୍ଷା ଶିକ୍ଷକତାର ସଠିକ ପରିଭାଷା ବୁଝୁଥିଲେ ବୋଲି ତ

ଗୁରୁ ହୋଇ ସାଙ୍ଗ ପରି ଦାର୍ଶନିକ ର ଛାଇ ପରି ଜଗୁଥିଲେ

ଗଢ଼ିଥିଲେ ଜାତିର କୋଣାର୍କ ପାଇଁ ସହ ସହ ଧର୍ମପଦ

ମାନଚିତ୍ରର ମାନସାଙ୍କରେ ଆଙ୍କୁଥିଲେ ମାନବିକତାର ଭବିଷ୍ୟତ

ହଁ ସେ ଯିବା ବାଟରେ ପାହାଡ଼ କୁ ଏଡେଇଦେଇ

ଦୀର୍ଘ କଠିନ ବିପଦକୁ କାନ୍ଧ ଆଉଜାଇ

ଆଂଠୁ ରେ କପଡା ବାନ୍ଧି...ଆଉ ଭିଡି...

ଜୀବନର ସୁଦୀର୍ଘ ମାରାଥନ ରେ ହେଲ ବିଜୟୀ

ବାସ୍ତବରେ ସେ ସ୍ରୋତସ୍ୱିନୀ ସମୟର ଚିରସ୍ରୋତା ନଈଟିଏ

ଜଣେ କିଏ ତାକୁ ଏତେ ଜଲଦି କଢେଇ ନେଲା

ଅଙ୍କ ବଙ୍କା ଭଙ୍ଗୁର ପାଠ ସହ ପହଁଚେଇଦେଲା

ଦୂର ଇପ୍ସିତ ଯିବା ସାଗରରେ

ସ୍ୱେଚ୍ଛାକୃତ ଅନ୍ତିମ ଗନ୍ତବ୍ୟର ............

**ଶର୍ମିଷ୍ଠା ସିଂ**

**କଟକ**

# ଏଇ ଜୀବନ

**ଜ୍ଞାନ**

ଏଇ ଜୀବନ. .... ଏଇ ଜୀବନ ସ୍ନେହ ପ୍ରୀତି ମମତାର ମଧୁର ବନ୍ଧନ, ପୁଣି ମିଛ ମାୟା ଭରା ସୁନାର ହରିଣ__।

ଏଇ ଜୀବନ. ..... କାହା ପାଇଁ ସୁଗନ୍ଧିତ ଆଗରୁ ଚନ୍ଦନ ଆଉ କାହା ପାଇଁ ତାହା ଅନଳର ଦହନ କାହା ପାଇଁ ନିଦାଘ ପୁଣି କାହା ପାଇଁ ଶ୍ରାବ__।

ଏଇ ଜୀବନ......... କାହା ପାଇଁ ଫଗୁଣର ଚୋରା ସମୀରଣ ଆଉ କାହା ପାଇଁ ତାହା ବୈଶାଖୀ ପବନ କାହା ପାଇଁ ଅମରାବତୀ କାହା ପାଇଁ ଶ୍ମଶାନ_।

ଏଇ ଜୀବନ. ....କାହା ପାଇଁ ଉଅଂଶର ଘନ ଅନ୍ଧକାର ଆଉ କାହା ପାଇଁ ପୂର୍ଣ୍ଣିମାର ଜୁଆର କିଏ ଲୋଡ଼େ ଜଞ୍ଜାଳକୁ କିଏ ଲୋଡ଼େ ନିର୍ବାଣ_।

ଏଇ ଜୀବନ........ଦୁଃଖ ସୁଖ ଭରା ପୁଣି ଉଥାନ ପତନ କେବେ ମିଳେ ମାନ ପୁଣି କେବେ ମିଳେ ଅପମାନ ତତ୍ତ୍ୱ ଜ୍ଞାନୀ ଏକା ବୁଝାଏ ଜୀବନ ଦର୍ଶନ__।

# ଆମ ପ୍ରୟାସ

ଆମ ପ୍ରୟାସ ନୁହେଁ କେବଳ ଏକ ନାମ,
ଏହା ଏକ ସଙ୍କଳ୍ପ, ଏକ ମାନବିକ କାମ।
ଦୁଃଖରେ ବୁଡିଥିବା ଜୀବନ ତଟରେ,
ଆଶାର ନୌକା ହୋଇ ଆସେ ଧୀରେ ଧୀରେ।

ଅଶ୍ରୁ ଝରୁଥିବା ଆଖିରେ ହସ ଫୁଟାଏ,
ନିରାଶ ମନକୁ ଆଶାରେ ଭରିଦିଏ।
ଭୁକ୍ତ ଶିଶୁର ହାତରେ ରୁଟି ଧରାଏ,
ଶିକ୍ଷାର ଆଲୋକେ ଭବିଷ୍ୟତ ଗଢ଼ାଏ।

ରୋଗୀର ଯନ୍ତ୍ରଣାରେ ସହାନୁଭୂତି,
ସେବାର ମନୋଭାବେ ମିଳେ ଆତ୍ମଶାନ୍ତି।
ନିରାଶ୍ରୟର ଛାୟା ହୋଇ ଠିଆ ହୁଏ,
ଦୁର୍ବଳଙ୍କ ପାଇଁ ଶକ୍ତି ହୋଇ ଆଲୋକିତ ହୁଏ।

ଜାତି–ଧର୍ମ–ଭାଷାର ଭେଦ ନାହିଁ କିଛି,
ମାନବତା ହେଉଛି ଆମ ପ୍ରୟାସର ନୀତି।
ସମାଜର ପ୍ରତି କୋଣେ ଆଲୋକ ବିଛାଇ,
ନ୍ୟାୟ ଓ ସମତାର ସ୍ୱପ୍ନ ଗଢ଼ାଇ।

ଆସ ମିଶି ଚାଲିବା ସେବାର ପଥେ,
ନିସ୍ୱାର୍ଥ ଭାବନାକୁ ଧରି ହୃଦୟରେ।
ଏକ ହାତ ବଢ଼ିଲେ ଶତ ହାତ ହୁଏ,
ଆମ ପ୍ରୟାସ ସହ ନୂଆ ଇତିହାସ ଗଢ଼େ।

ଆଜିର ଛୋଟ ପ୍ରୟାସ, କାଲିର ବଡ଼ ପରିବର୍ତ୍ତନ,
ଦୟା, ସେବା ଓ ପ୍ରେମ— ଏହାହିଁ ଆମ ପରିଚୟ।
ଆଲୋକର ପଥେ ଆମେ ଅଟୁଟ ଚାଲିବୁ,
"ଆମ ପ୍ରୟାସ" ସହ ଏକ ଭଲ ଦୁନିଆ ଗଢ଼ିବୁ।

ଆମ ପ୍ରୟାସ ଏକ ଆଶାର ଆଲୋକ,
ଅନ୍ଧକାରେ ଜ୍ୱଳିଉଠେ ମାନବତାର ଦୀପ।
ଦୁଃଖୀର ଆଖିରେ ହସ ଆଣିବା ପାଇଁ,
ହାତ ବଢ଼ାଏ ସଦା, ମନ ଭରି ସ୍ନେହ ସହିତ।

ନିଷ୍ଠା ଓ ନିସ୍ୱାର୍ଥତା ଯାହାର ମୂଳମନ୍ତ୍ର,
ମାନବତା ହେଉଛି ଯାହାର ସତ୍ୟ ଅସ୍ତ୍ର।
ଚାଲ ଆମେ ସବୁ ମିଶି ହାତ ଧରିବା,
ଆମ ପ୍ରୟାସ ସହ ଏକ ଭଲ ସମାଜ ଗଢ଼ିବା।

ଡ. ଦିପ୍ତିସ୍ମିତା ଜେନା

# ଧ୍ୱଂସ ଅଭି ମୂଖି

ତୁ ନାରୀ!!!
ଦେବୀ ରୂପେ ପୂଜା ପାଉ
ଆଶ୍ୱିନ ଆସିଲେ ଦେବୀ ମଣ୍ଡପ ରେ
ମୃଣ୍ମୟ ମୂର୍ତ୍ତି ରେ।
ଧନ ପ୍ରାପ୍ତ ପାଇଁ
ମାର୍ଗଶିର ମାସ ରେ ପୂଜା ପାଉ
ମା ' ଲକ୍ଷ୍ମୀ ରୂପେ
ଓଡ଼ିଆ ର୍ ପ୍ରତି ଘରେ।

ବିଦ୍ୟା ଦାତ୍ରି ଭାବେ ପୂଜା ପାଉ
ପ୍ରତି ବିଦ୍ୟାଳୟ ରେ
ମହାକାଳୀ ରୂପେ ପୂଜା ପାଉ
ଅଧର୍ମୀ ପୁରୁଷ ରୂପି
ମହିଷାସୁର ର ନାଶ ପାଇଁ।।

ପୁଣି ସେଇ ଦେବୀ ସ୍ୱରୂପା ନାରୀ କୁ
ଗଣ ଦୁଷ୍କର୍ମ କରନ୍ତି ପୁରୁଷ ରୂପି
କାମୁକ ଦାନବ ମାନେ।।
ଦେଖନ୍ତିନି ନିଜର
କି ନାରୀର ବୟସ
ଦୁଇ ବର୍ଷ ର ଶିଶୁ ଠୁ
ଷାଠିଏ ବର୍ଷ  ନାରୀ ପର୍ଯ୍ୟନ୍ତ
ଏ କାମୁକ ଦାନବ ମାନେ
କରନ୍ତି ଗଣ ଦୁଷ୍କର୍ମ।।

ବୟସ,ଜାତି,ସମୟ ସ୍ଥାନ କାଳ ପତ୍ର ନୁହେଁ
କାମନା ଚରିତାର୍ଥ ପାଇଁ
ଯୋନି ଟେ ଦରକାର।।

ଯେଉଁ ଯୋନି ରୁ ଜନ୍ମ ନିଏ

ସେଇ କାମୁକ ପୁରୁଷ
ସେଇ ଯୋନି କୁ ପୁଣି
ନିଜ କାମନା ରେ ବଳୀ ଦିଏ।

ସ୍ତବ୍ଧ ଆଜି ସମୟ
ଯେଉଁ ଯୋନି ରୁ ଜନ୍ମ ନେଲା
ବକ୍ଷ ରୁ ଅମୃତ ପାନ କରି
ଶିଶୁ ରୁ ପୁରୁଷତ୍ୱ ପ୍ରାପ୍ତ ହେଲା,
ଆଜି ସେଇ ମାତୃ ଜାତି କୁ
ରେ ଦାନବ ତୋ ନିଜର
ଅଦମ୍ୟ ଯୌନ ପିପାସା ରେ
ରେ ନର ରୂପି ରାକ୍ଷସ ପୁରୁଷ !!
ଗଣ ଦୁଷ୍କର୍ମ କରୁ ତୁ ବାର ବାର??

ନିଜ ସ୍ୱାର୍ଥ ପାଇଁ ଦେବି ର ମୋହର ମାରି
ପୂଜା କରୁ ତୁ ପୂଜା ମନ୍ଦିର ରେ
ପୁଣି ନିଜ ସ୍ୱାର୍ଥ ପାଇଁ
କେତେ ମୁହୂର୍ତ୍ତ ର ଲାଳସା
ମେଣ୍ଟାଇବା ପାଇଁ
ମଣିଷ ରୁ ପଶୁ ସାଜୁଛୁ??

ବେଳ ଏବେ ଉଚ୍ଛୁର ହେଲାଣି
ଦେବୀ ରୂପି ନାରୀ ଙ୍କ ଆଖିର
ଲୁହ ରୂପି ଲହୁ ରେ
ରେ ଦୁଷ୍କର୍ମ କାରି ପୁରୁଷ!
ତୋ ଧ୍ୱଂସ ର ପଥ
ଆଗେଇ ଆସୁଛି ଧିରେ ଧିରେ।

ବିଜୟଲକ୍ଷ୍ମୀ ପତି ଆଚାର୍ଯ୍ୟ

Write-ups (English)

# India's Missing Daughters: The Alarming Story Behind the Sex Ratio

**Dr. Prafulla Kumar Swain**
Department of Statistics, Utkal University, Bhubaneswar

India today stands tall as the world's fastest-growing major economy and the largest democracy. Yet, behind this impressive economic narrative lies a disturbing social reality. According to the World Economic Forum's Global Gender Gap Report, India ranks 135th out of 146 countries overall—and an abysmal 146th in female health and survival. This contradiction between economic progress and gender justice is starkly reflected in the country's skewed sex ratio at birth. Data from the National Family Health Survey (NFHS-5, 2019–21) show that India now has 1,020 women per 1,000 men, indicating a numerical advantage for women. However, this figure hides a troubling truth: the sex ratio at birth (SRB) remains critically low at 929 females per 1,000 males, revealing a persistent preference for sons that begins even before birth.

The situation in Odisha is particularly alarming. NFHS-5 reports the state's SRB at 894, the lowest ever recorded and a sharp decline from 932 in NFHS-4. This fall has occurred despite numerous government initiatives aimed at promoting the welfare of the girl child. Rural– urban differences further complicate the picture, with urban Odisha reporting an SRB of 950, while rural areas lag far behind at 885.

Even more unsettling is the spatial pattern across districts. Relatively developed districts such as Cuttack, Khordha, Puri, and Sundargarh report worse SRB figures than the traditionally backward southern districts like Koraput, Malkangiri, Nabarangpur, and Nuapada. This paradox highlights an uncomfortable reality: economic development and education alone do not eliminate son preference. Instead, greater access to prenatal sexdetection technology in developed regions has enabled more systematic gender discrimination. In contrast, limited technological penetration in backward areas has inadvertently led to greater acceptance of natural births.

Ironically, Odisha's overall sex ratio appears healthy, improving from 1,036 in NFHS-4 to 1,063 in NFHS-5, largely due to rising female life expectancy. Rural areas even outperform urban regions in this regard. However, this apparent improvement masks a deeper demographic crisis. A low SRB today will inevitably translate into distorted age structures tomorrow, affecting marriage patterns, increasing involuntary bachelorhood, and potentially fueling social tensions. At the root of this imbalance lies a deeply entrenched patriarchal mindset. Despite decades of awareness campaigns, daughters continue to be viewed as economic burdens—largely due to dowry practices—while sons are seen as carriers of lineage and providers of old-age security. While earlier generations resorted to female infanticide, modern technology has made sex-selective abortion the more common and concealed practice, even though prenatal sex determination is illegal under the PCPNDT Act, 1994.

India accounts for nearly half of the world's missing female births, primarily due to sexselective abortions. Research suggests that declining fertility intensifies this bias—a phenomenon known as the fertility squeeze effect, where families desiring fewer children intervene to ensure the birth of a son.

The consequences extend beyond demographics. A reduced share of women weakens their political voice and limits participation in economic and civic life. With female labour force participation in India still below 20 percent, aspirations of becoming a $5 trillion economy appear unrealistic if half the population remains marginalised.

The government has introduced several initiatives, including Beti Bachao Beti Padhao, Sukanya Samriddhi Yojana, and welfare schemes for vulnerable women. While these are steps in the right direction, enforcement remains weak. Stronger implementation of the PCPNDT Act, regulation of ultrasound technology, and accountability mechanisms are urgently needed. However, laws alone cannot dismantle centuries-old social norms. Sustainable change requires raising the value of daughters through education, economic empowerment, property rights, and early gender-sensitisation. As long as Indian society remains predominantly patrilineal and patrilocal, insecurity around lineage and old-age support will continue to undermine the status of daughters. Yet, this is not a lost cause. Indian culture has long revered women as symbols of strength, wisdom, and resilience—from Durga and Rani Lakshmibai to Mother Teresa and the country's present leadership. It is time to reclaim this cultural wisdom and move beyond the illusion of male superiority.

A woman is not a burden; she is the foundation of life itself. India's demographic balance—and its future—depends on recognising this truth before it is too late.

# Advantage of being a ‘Netizen’

Dr. Binayak Prasad Pradhan
Lecturer in English

I am a ‘netizen’. My day starts either with dropping a post in Facebook (FB) or a ‘Good Morning’ message in WhatsApp. That doesn’t suffice simply. I can’t let my post be ignored in the blizzard of things. As a ‘normie’, I keep on waiting with a lot of enthusiasm for somebody to comment on. I am tickled pink on having a ‘like’ or a favourable comment on my post. Other than this, I too know how to blot someone’s copybook or tarnish the reputation of my target by vaguely questioning the authenticity of the post. I question, not out of my sheer interest in the stuff rather just for the sake of dabbling, which is technically called ‘sea-lioning’. I think it sounds smart to be a ‘troll’ than a ‘lurker’, who hardly appears in the scene and keeps on observing the things as an inert or passive observer.

A legion of comments by a host of ‘e-quaintances’ gives me the feel of a celebrity and a different stardom. My seemingly hyper-busy schedule doesn’t let me have a few words with my near and dear ones. On the other hand, I relish being in touch with my ‘e-quaintances’ who are bosom friends and more intimate than my kith and kin. Though, I don’t know them physically, I am drawn towards them and it’s quite difficult to resist that pull.

Having understood the advantage of being well-versed in communication pretty well, I never leave any stone unturned to have a commendable gift of the gab. I am quite excellent at articulating my ideas, emotions, feelings etc. in an impressive way in group. Some buzz words like ‘Selfie’, ‘Groupie’, ‘Usie’, ’photobombing’ along with many a shorthand versions of English have enriched my repository of words and made me an adept in texting or chatting ever since my entry into the social media platforms. My English is not that redundant or old-fashioned, it sounds awesome because it’s ‘Weblish’-more trendy, upmarket and peppy.

I never give any heed or damn to those who are inimically critical of this social-media. Let them go to the hell with their prejudiced and parochial mindset. They are always technically poor and fail to cope with the prevailing winds of change. I prefer to call them “the specimen of the dying generation”. I can outsmart and outwit the so-called responsible citizens in a jiffy as I am a ‘netizen’.

Being a part of the modern generation, I wish to be rakish and extrovert by getting along with the changing trends and latest technology. Once in a blue moon, I take a halt and turn to those articles and videos, preaching about the dire effects of excessive use of internet and warning against the cyber-crimes. At times, it seems iffy and pushes me to put restraints before the things spin out of control. But, being neck-deep in love with the social media and internet,

I feel it’s not that easy to abstain and hold back. Probably, I have been addicted, but still it goes on and on.

[The write-up is exclusively meant for those who are inexorably hooked to different handles of social media. They are at the liberty to decide the fate of the newly formed group of people called ‘netizens’, who are under the sway of social media and consume their time by resorting to some trivial and petty matters. The above words never intend to dissuade them from internet that constitutes the core of our existence in this today’s world. The writer too is not against the social media by any stretch of imagination. The main apogee is to induce everyone to turn to its constructive and formative sides. Finding the pros and bowdlerizing or filtering out the cons of everything around us is the need of the hour. Undoubtedly, by keeping to social media, we can transcend the distance and get a better space to air our ideas with the near and dear ones who are far away from us. But, developing obsession for this and mishandling definitely incurs loss in one or other way.]

......................................................................................................................

# Distance Between Experiment and Theory

Dhirendra Sahoo

Department of Fiber and Polymer Technology, KTH Royal Institute of Technology, 114 28 Stockholm, Sweden.

A common hope in designing every experiment is that nature will answer our questions. However, the truth is that nature rarely provides clear answers to scientific inquiries. Instead, it responds in whispers, hints at predictions, contradicts expectations, and sometimes refuses to speak at all. A physics experiment isn't about straightforward facts falling into place; rather, it involves scientists chasing signals, battling noise, arguing with their instruments, and convincing each other of their findings.

In 1820, Hans Christian Ørsted observed that a compass needle moved each time he turned on the battery. The experiment wasn't meant to be a major discovery; it was simply a demonstration for his students. However, that small twitch of the compass—so slight that many scientists might have overlooked it as a coincidence-opened the door to understanding electromagnetism. He hesitated for months before making the announcement, carefully verifying that the effect wasn't caused by an illusion from the room, the tools, or his imagination. Just enough was being pushed back by the world to make itself noticeable.

It is characteristic of modern laboratories that human intention is intertwined with nature's resistance. Ian Hacking observed physicists "ticking" their atoms with laser beams when he visited cold-atom laboratories in the 1980s. The scientists knew they had successfully trapped the atoms if the atoms jigged precisely in the right direction. The purpose of this experiment was more than to observe; it was to provoke thought. It was similar to watching a doctor tap a patient's knee with a reflex hammer as they observed how nature responded to the experimenters' pokes. We should trust experiments because this kind of intervention triggers a response from the rest of the world, which is one of Hacking's key arguments for why we should do so.

There are times, however, when nature only reveals itself through persistence and argument. At the Harvard Observatory, Henrietta Swan Leavitt spent exhausting nights cataloguing the brightness of distant stars during the 1910s. It was discovered that certain stars, known as Cepheid variables, pulsated in brightness at rates directly correlated with their true luminosity. It was an astounding discovery, essentially a cosmic ruler capable of measuring the universe. In spite of this, it took years for the scientific community to become convinced. In addition to the reexamination of Leavitt's plates, her measurements were calibrated against new telescopes, and alternative explanations were proposed and rejected. Slowly, the evidence accumulated. And when Edwin Hubble later used her method to prove the universe was expanding, the world finally realized how solid her invisible groundwork had been.

While some experiments whisper, others shout-and remain unheard. As early as 1964, Arno Penzias and Robert Wilson climbed into a radio antenna in New Jersey, believing pigeon droppings or malfunctioning electronics caused the faint hiss they heard. It took them weeks to clean, tune, calibrate, and recheck the system. The hiss was not removed by anything. The physicists at Princeton confirmed that two physicists across the river had predicted such a signal. In spite of the fact that Penzias and Wilson had discovered cosmic background radiation

entirely by accident, it took cross-checking, theoretical context, and discussions between laboratories for anyone to be convinced that it was not a mere coincidence.

Scientists are well aware of the fact that a single experiment may not be sufficient to answer a particular question. Peter Galison has discovered that an experiment is truly "completed" when the team is confident that the results will stand up in court, or, in other words, when every reasonable doubt is removed. Imagine a situation in which 3,000 physicists are attempting to reach a consensus regarding the existence or non-existence of a new particle. Understandably, some people place great trust in detailed event images, such as spiral traces in bubble chambers. Some rely on statistics derived from millions of collisions. It is only when these different perspectives begin to align that a result can be accepted. The concept of objectivity is not a single lens in science; rather, it is a mosaic of lenses that are arranged just long enough to achieve consensus.

Some philosophers argue that even this alignment is influenced by social forces. According to Harry Collins, who examined disputes over gravitational wave detectors in the 1970s, scientists disagreed not only on the results but also on what defines a good experiment. Some groups built a device that claimed to detect signals from space, while others argued that the device was faulty. Both sides claimed the other's machines were inadequate. This has been called the "experimenters' regress": you cannot verify a machine works until you see the correct result, and you cannot be sure the result is correct until you trust the machine. Ultimately, the community settled the issue not just through logic, but through years of refinement, replication, and the development of much more sensitive detectors. In 2015, LIGO made the first definitive detection of gravitational waves - an achievement that reverberated throughout the scientific community. A debate that lasted forty years finally ended.

The problem of observation persists even after such triumphs. What do we really see when we look at nature, or do we only see what our theories permit us to see? The first cloud chamber image of a positron in 1932—a thin track curving the "wrong" way in a magnetic field—might easily have been dismissed as an artifact. Carl Anderson spent months ruling out defects in the plate, stray electrons, and measurement errors before accepting that he had photographed a new particle predicted by theory. In contrast, the discovery of the muon came as a surprise to everyone. "Who ordered that?" Isidor Rabi joked. In that case, the experiment outpaced the theory.

Physics lives and breathes by the tension between theory and observation, prediction and surprise. The purpose of experiments is not simply to confirm our expectations. Occasionally, they overturn the foundations as well, in addition to leading, misdirecting, contradicting, and provoking. It is necessary to be both creative and precise, patient and brilliant. Having been shaped by both the stubbornness of nature and the stubbornness of scientists, they are the products of both.

Throughout this long dance between experiment and truth, progress emerges gradually, unevenly, and often unpredictably. Nature can't speak in perfect sentences. Through repeated calibrations, cross-checks, debates, and the combined ingenuity of thousands of minds, scientists can interpret whispers. Every great discovery, from the twitch of a compass needle to the stretching of spacetime, began as an ignored signal. Science is not powerful because it reveals truth instantly, but rather because it does not cease to listen to what is being said.

**Extracts from Senior Debate Competition: Vikshit Odisha: Prepare or Perish**[1]

In a rapidly transforming world marked by technological acceleration, climate uncertainty, and shifting economic paradigms, the idea of "development" is no longer static or linear. It is dynamic, contested, and deeply human. The debate competition on the theme "Vikshit Odisha: Prepare or Perish" reflected this complexity with remarkable clarity. Far from being a slogan-driven discussion, the deliberations evolved into a serious intellectual engagement with Odisha's past, present, and possible futures. Participants—largely youth—did not merely ask whether Odisha should be developed. That question, most agreed, is already settled. Instead, they interrogated how, for whom, and at what cost development should occur. The debate unfolded as a collective reflection on Odisha's paradoxes: abundance amid deprivation, tradition alongside transition, and resilience shadowed by hesitation. What emerged was a powerful mosaic of ideas that blended economics with ethics, culture with technology, socio-political and psychological urgency with introspection.

**The Central Question: What Does "Vikshit Odisha" Truly Mean?**

At the heart of the debate lay a fundamental inquiry: What constitutes a developed Odisha? Is development measured purely in GDP growth, industrial output, and infrastructure expansion? Or does it also encompass Odia dignity, cultural pride, moral values, and social cohesion? Some participants challenged the very premise that Odisha is "underdeveloped." They argued that if development is defined only by institutional certificates, income indices, or urban skylines, then the lived wisdom of farmers, the strength of community bonds, and the sustainability

[1] A senior debate competition was organised by Ama Prayas in virtual mode on the above-mentioned topic. Around 35 participants registered for the competition, out of which approximately 15 participated actively in the debate. The following article presents a consolidated summary of the discussions for the readers. The views and facts presented may not be exact, as this account is drawn from the observations of the participants and the judges. The judges for the competition were Sushil Kumar Swain, Siba Sankar Sahu, Balkrishna Padhi, Bikash Kumar Malick, and Binayak Pradhan. This was assisted by Mr Bailochan, Jaydev and Dhirendra.

embedded in traditional lifestyles are unfairly discounted. From this perspective, Odisha already possesses a form of development—rooted in agriculture, family systems, collective learning, and harmony with nature.

Others countered this view by acknowledging these strengths while cautioning against romanticizing stagnation. They emphasized that pride in tradition must not become an excuse for complacency. In a globalized economy, where competitiveness and preparedness define survival, Odisha cannot afford to remain inward-looking. Thus, "Vikshit Odisha" emerged not as a binary state—developed or not—but as a process, a continuous journey requiring conscious preparation at every level of society.

**The Paradox of Plenty: Resources Without Prosperity**

One of the most forceful strands of the debate revolved around Odisha's enduring paradox: Why does a state so rich in natural resources remain economically constrained? Odisha is endowed with minerals, forests, coastline, fertile land, and cultural capital. Yet, employment opportunities remain limited, value addition is low, and much of the wealth extracted from the state benefits regions elsewhere.

Participants pointed to the structural issue of Odisha functioning largely as a raw material supplier. Iron ore, coal, bauxite, and other resources leave the state with minimal processing, while industries and employment opportunities flourish outside. This model, they argued, perpetuates dependency rather than development. *The discussion emphasized the urgent need for value addition, local industrialization, and MSME-driven growth. Strategic locations such as Paradip and Dhamra were highlighted as potential industrial hubs capable of transforming the state's economic landscape—provided investments are accompanied by skill development and local employment guarantees.*

**Youth, Employment, and the Question of Opportunity**

A recurring concern was the future of Odisha's youth. With a large and growing young population, the state stands at a demographic crossroads. Youth can either become the greatest asset or the greatest liability. Participants stressed that unemployment is not merely an economic issue; it is a social and psychological one. Lack of opportunity breeds frustration, migration, and disengagement. Several speakers highlighted the imbalance between aspiration and access—particularly for rural youth who lack exposure, mentorship, and platforms despite possessing talent and potential.

The debate called for equal opportunity, not uniformity. Whether in arts or science, agriculture or technology, every young individual must have the chance to explore their strengths. Examples were cited of how access to national-level platforms can transform individual trajectories, reinforcing the argument that opportunity—not just talent—shapes outcomes.

**Education Beyond Degrees: From Awareness to Agency**

Education emerged as one of the most widely discussed themes, but with a crucial distinction: participants consistently argued that education must go beyond formal degrees. While certificates matter in a modern economy, they do not automatically translate into technology, wisdom, ethics, or innovation.

Speakers emphasized village-level education, foundational literacy, scientific temperament, and critical thinking. They warned against producing generations that are merely technology users, dependent on mobile phones and platforms designed elsewhere, rather than technology creators who innovate and solve local problems.

The discussion also highlighted the disconnect between policy and practice. While reforms like the National Education Policy aim to modernize learning, their impact depends on grassroots implementation. *A Vikshit Odisha, participants argued, requires education that builds confidence, curiosity, and civic responsibility—not just employability.*

**Health, Poverty, and the Non-Linear Nature of Development**

A particularly insightful contribution came from participants who framed development as non-linear. Progress in health, poverty reduction, and climate resilience does not follow a straight path. Small delays or policy failures can push communities past a tipping point from which recovery becomes extremely difficult.

Issues such as infant mortality, rural healthcare access, and preventive health were discussed not merely as service delivery gaps, but as indicators of systemic vulnerability. Poverty, it was argued, is not only the absence of income but often the result of imposed institutional constraints—where people gradually lose the belief that effort will lead to improvement.

The idea of "silent perishing" resonated strongly. Perishing does not always arrive with dramatic collapse; it often manifests as slow erosion of dignity, opportunity, and hope. In such contexts, even well-designed policies fail unless accompanied by trust-building and empowerment.

**Governance, Corruption, and Civic Consciousness**

Several participants drew attention to governance failures that undermine Odisha's development potential. Corruption, inefficiency, and lack of transparency were repeatedly identified as major obstacles. However, the debate did not treat corruption as merely a bureaucratic problem; it was framed as a collective moral challenge.

Electoral malpractices, including vote-buying through short-term inducements, were cited as symptoms of low civic awareness. Participants argued that development cannot be outsourced entirely to governments; citizens must also act as informed stakeholders.

*The call was for a culture of accountability, where ethical governance is reinforced by public vigilance. Small, conscious actions—voting responsibly, questioning authority, rejecting greed—were presented as foundational steps toward systemic reform*.

**Culture, Language, and Identity as Development Assets**

Unlike many development discussions that treat culture as peripheral, this debate placed Odia language and heritage at the core of development. Participants argued that cultural erosion weakens social cohesion and self-confidence, making societies more vulnerable to external domination.

References to Odia traditions, historical records like Madala Panji, Paika heritage, and community values highlighted how cultural memory provides continuity in times of change. Pride in language and identity was not framed as exclusionary but as empowering—a source of moral strength and unity.

The concept of "crab mentality," where individuals pull each other down rather than rise collectively, was critically examined. Overcoming this mindset, speakers argued, is essential for nurturing collaboration, innovation, and trust.

**Technology, Artificial Intelligence, and the Future Economy**

Looking ahead, participants recognized that Odisha's future cannot be imagined without engaging with emerging technologies. Artificial intelligence, digital governance, and innovation-driven sectors were seen as both opportunities and challenges.

The consensus was clear: technology must be adapted, not merely adopted. Without skill development and ethical frameworks, technological growth can deepen inequality rather than

reduce it. A Vikshit Odisha must therefore invest simultaneously in infrastructure, human capital, and regulatory capacity upgradation.

**Prepare or Perish: A Call for Continuous Readiness**

The phrase “Prepare or Perish” acquired layered meanings during the debate. Preparation was not limited to exam readiness or skill acquisition; it encompassed mindset, discipline, and lifelong learning. Strength alone—whether demographic or resource-based—was deemed insufficient without adaptability.

Perishing, participants noted, is often quiet. It is the gradual normalization of underachievement, dependency, and loss of agency. Avoiding this fate requires constant renewal—at individual, institutional, and societal levels.

**Towards a Shared Vision of Vikshit Odisha**

What ultimately distinguished this debate was its refusal to settle for simplistic narratives. Odisha’s development was neither portrayed as doomed nor guaranteed. It was presented as conditional—dependent on choices made today.

**A Vikshit Odisha, as envisioned collectively, would be:**

- Economically resilient, with value-added industries and inclusive growth
- Socially just, with equal opportunity and respect for women
- Culturally confident, rooted in language and heritage
- Technologically prepared, yet ethically grounded
- Governed transparently, with active citizen participation
- Most importantly, it would be a society that believes in itself.

- Conclusion: Development as a Moral and Collective Project

The debate on “Vikshit Odisha: Prepare or Perish” was more than a competition—it was a mirror held up to society. It revealed anxieties, aspirations, contradictions, and hope. The participants demonstrated that Odisha’s youth are not indifferent observers but engaged thinkers capable of nuanced analysis.

Development, as the debate made clear, is not something that happens to a society; it is something that must be built by it. Preparation, therefore, is not optional. It is a moral imperative.

Whether Odisha rises to this challenge will depend not on a single policy or project, but on sustained commitment—by governments, institutions, communities, and individuals alike. The choice, as the theme reminds us, is stark yet empowering: prepare consciously, or perish quietly.

**English poems**

# To the Father of My Child

—Subhadra Priyadarshini

They say a mother's heart awakens

The moment life begins to grow,

But a father's love takes root the day

He holds his child and won't let go.

You rose before the morning sun,

So I could rest a little more,

You cradled him with steady hands,

And rocked him softly to the core.

Before I ever held our boy,

I hoped he'd grow to be like you—

A man who loves with heart and grace,

Who does what's kind, and sees it through.

This Father's Day, I speak with pride—

For men who parent hand in hand,

For partners who uplift and guide,

Who quietly, with love, still stand.

In midnight cries and sleepy eyes,

In tiny hands that clutch so tight,

You stood beside me every step,

Through every trial, every night.

You bathed him with the gentlest care,

Prepared his meals with love so true,

In every quiet, giving act—

You showed the strength inside of you.

With every smile and every step,

He learns from what you say and do,

Responsibility, respect,

And how to live a life that's true.

So thank you, love, for all you give,

For being more than I could say,

Our child will thrive because of you—

Happy, strong, and on his way.

# AN ODE TO A.I.

Dr. Jayadev Parida

Oh! A.I. Our A.I. you grow unbiased, rational and full of empathy.

The rise of Artificial Intelligence,

Espousing a world of cybernetic elegance.

Can the machine think? Can the machine talk?

Now they do, what about the future of work?

The Industrial revolution altered all societal equations,

Facebook became Meta,

Twitter renamed as X

All these to overhaul this technological fruition.

Abridge, OpenAI, Perplexity AI, Sakana AI list is long,

The A.I is solving mystery, writing history and song,

Humans are copying, generating and enjoying the growth.

A.I. is neither good, nor bad, nor ugly,

It's the person/bot behind and in front of the screen, can make things "fugly".

Algorithm performs in traffic light to social uplift,

But the water machine consumes,

the land A.I. use impact the environment as we speak.

Oh! A.I. our A.I., you grow unbiased,

Help the humanity,

Stop the world from a tech-calamity.




RENEWABLE ENERGY & GREEN ENERGY




ଆମ ପ୍ରୟାସ (ଲୋକ ମାନଙ୍କ ପାଇଁ)
୧୭ତମ ବାର୍ଷିକ ଉତ୍ସବ




ଆମ ପ୍ରୟାସ (ଲୋକ ମାନଙ୍କ ପାଇଁ)
୧୭ତମ ବାର୍ଷିକ ଉତ୍ସବ




ଆମ ପ୍ରୟାସ (ଲୋକ ମାନଙ୍କ ପାଇଁ)
୧୭ତମ ବାର୍ଷିକ ଉତ୍ସବ
୨୪-୨୫ ଡିସେମ୍ବର ୨୦୨୪




ଆମ ପ୍ରୟାସ (ଲୋକ ମାନଙ୍କ ପାଇଁ)
୧୭ତମ ବାର୍ଷିକ ଉତ୍ସବ


୧୭ତମ ବାର୍ଷିକ ଉତ୍ସବ


ଆମ ପ୍ରୟାସ (ଲୋକ ମାନଙ୍କ ପାଇଁ)
୧୭ତମ ବାର୍ଷିକ ଉତ୍ସବ
୨୪-୨୫ ଡିସେମ୍ବର ୨୦୨୪




ଆମ ପ୍ରୟାସ (ଲୋକ ମାନଙ୍କ ପାଇଁ)
୧୭ତମ ବାର୍ଷିକ ଉତ୍ସବ


୨୪-୨୫ ଡିସେମ୍ବର ୨୦୨୪










୨୪-୨୫ ଡିସେମ୍ବର ୨୦୨୪






ଆମ ପ୍ରୟାସ (ଲୋକ ମାନଙ୍କ ପାଇଁ)
୧୭ତମ ବାର୍ଷିକ ଉତ୍ସବ












ଆମ ପ୍ରୟାସ (ଲୋକ ମାନଙ୍କ ପାଇଁ)
୧୭ତମ ବାର୍ଷିକ ଉତ୍ସବ

ODISHA MINING CORPORATION LTD.
Mining Happiness

# ଓଡ଼ିଶା ର ପ୍ରଗତିର ସାଥୀ ଓଏମସି

ସି.ଏସ.ଆର ପଦକ୍ଷେପ ଦ୍ୱାରା ଖଣି ପାର୍ଶ୍ୱବର୍ତ୍ତୀ ଅଞ୍ଚଳରେ ବଦଳୁଛି ବିକାଶର ପରିଭାଷା

## କ୍ରୀଡାର ବିକାଶ

ଜାତୀୟ ହକି ଓ ଖୋଖୋ ଦଳକୁ ପ୍ରୋତ୍ସାହନ ଏବଂ ରାଜ୍ୟରେ କ୍ରୀଡାର ସାମଗ୍ରିକ ଭିତ୍ତିଭୂମି ର ବିକାଶ





## କଳା, ସଂସ୍କୃତି ଓ ଐତିହ୍ୟର ବିକାଶ

ସି.ଏସ.ଆର ପଦକ୍ଷେପ ଦ୍ୱାରା ଓଡ଼ିଶାର ସମୃଦ୍ଧ କଳାକୃତି, ସଂସ୍କୃତି, ଐତିହ୍ୟ ଓ ସାହିତ୍ୟକୁ ପ୍ରୋତ୍ସାହନ

## ଆରୋଗ୍ୟବାହିନୀ

ଖଣି ଅଞ୍ଚଳର ଲୋକଙ୍କୁ ଉତ୍ତମ ସ୍ୱାସ୍ଥ୍ୟସେବା ଓ ଚିକିତ୍ସା ସେବା ପ୍ରଦାନ





## ଓଡ଼ିଶା ମାଇନିଙ୍ଗ ଆଦର୍ଶ ବିଦ୍ୟାଳୟ

ଖଣି ଅଞ୍ଚଳର ଛାତ୍ରଛାତ୍ରୀଙ୍କୁ ମିଳୁଛି ଗୁଣାତ୍ମକ ମାନର ଶିକ୍ଷା

## ପାଇକ ପ୍ରକଳ୍ପ

ଖଣି ଅଞ୍ଚଳର ଯୁବଶକ୍ତି କୁ ସଶସ୍ତ୍ର ସେବାରେ ଯୋଗ ଦେବା ପାଇଁ ତାଲିମ ପ୍ରଦାନ





## ପରିବେଶ ସଂରକ୍ଷଣ

ଖଣି ଓ ଖଣି ପାର୍ଶ୍ୱବର୍ତ୍ତୀ ଅଞ୍ଚଳରେ ବ୍ୟାପକ ବୃକ୍ଷରୋପଣ ଅଭିଯାନ ଓ ଗ୍ରାମବାସୀଙ୍କୁ ମାଗଣାରେ ଚାରା ବଣ୍ଟନ

## ପାନୀୟ ଜଳ ଯୋଗାଣ

ସୌର ଶକ୍ତିକୁ ବ୍ୟବହାର କରି ଗ୍ରାମବାସୀଙ୍କୁ ପାନୀୟ ଜଳ ଯୋଗାଣର ସୁବିଧା





## ରାସ୍ତା ସଂଯୋଗୀକରଣ

ଯାତାୟାତକୁ ସୁଗମ କରିବା ପାଇଁ ସ୍ଥାନୀୟ ଅଞ୍ଚଳରେ ରାସ୍ତା ନିର୍ମାଣ କାର୍ଯ୍ୟକ୍ରମ

ଓଡ଼ିଶା ଖଣି ନିଗମ, ଓଏମସି ଭବନ, ୟୁନିଟ-୫, ଭୁବନେଶ୍ୱର - ୭୫୧୦୦୧

www.omcltd.in Odisha_mining OmcOdisha

# BHARAT MANDAPAM

# A Landmark in Sustainability

**Proudly Honored with GRIHA 4-Star Rating for Green Excellence**

NBCC
A Navratna CPSE

GRIHA ★★★★



NBCC (India) Ltd. proudly celebrates the GRIHA 4-Star rating for Bharat Mandapam, recognizing it as a model of sustainable development. This state-of-the-art facility at Pragati Maidan reflects our unwavering commitment to eco-friendly innovation, seamlessly combining modern design with environmental responsibility to shape India's green future.

The award celebrates the project's excellence in adhering to 31 sustainability criteria, reducing energy consumption, promoting renewable energy, and fostering a greener urban landscape.

## Sustainability Milestones at Bharat Mandapam

**Energy Efficiency:**
43.5% reduction in energy consumption through efficient air-conditioning, LED lighting, and star-rated equipments.

**Water Conservation:**
70% annual water savings with a 1.1 MLD STP and low-flow fixtures.

**Smart Monitoring:**
Advanced Building Management Systems (BMS) for efficient resource utilization.



**Biodiversity Preservation:**
Retention of 800+ mature trees and plantation of 5,000 native trees.

**Waste Management:**
On-site treatment of organic waste with an Organic Waste Converter (OWC).

**Urban Greening:**
Over 20,000 plants added to Delhi's landscape, enhancing air quality and aesthetics.

**Renewable Energy:**
25% reduction in grid dependency with 400 KWp solar PV installations.

**एनबीसीसी (इंडिया) लिमिटेड**
(भारत सरकार का उद्यम)

**NBCC (INDIA) LIMITED**
(A Government of India Enterprise)









# AMA PRAYASH

*(For People)*

(Established 2008,
Registration No -1/1620231200002 of 2024)
At- Sribantapur (Palakana), Po- Koro,
Dist.- Kendrapada, Pin-754222
Contact Number: +91-8144948876
WhatsApp Contact: +91-9658373197
Email Id: amaprayas@outlook.com /
amaprayash@outlook.com